ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 AUGUST 2020

Vol.No. 30 ■ No. 211■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

୫ ଜିଲ୍ଲାକୁ ରେଡ୍ ଓ ୮ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୮ (ନି.ପ୍ର): ଉତର -ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆଗାମୀ ୨୩ ତାରିଖରେ ହେବାକୁ ଥିବା ଆଉ ଏକ ଲଘୁଚାପ ପ୍ରଭାବରେ ୨୫ ତାରିଖ ପର୍ଯ୍ୟନ୍ତ ଅଧିକାଂଶ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ଯୋଗୁଁ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ,ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ୫ ଜିଲ୍ଲାକୁ ପାଣିପାଗ ବିଭାଗ ରେଡ୍ ୱାର୍ଣ୍ଣିଂ ଜାରି କରିଛି। ସେହିପରି ନୂଆପଡା, କଳାହାଣ୍ଡି , ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଓ ମୟୁରଭଂଜକୁ ଅରେଂଜ ୱାର୍ଣ୍ଣିଂ ଏବଂ କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଂଟା ପ୍ରତି ୪୫ରୁ ୫୫ କିମି ରହିବ। ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟ ନଯିବାକୁ ସତର୍କ କରାଯାଇଛି। ଏହାବ୍ୟତୀତ ୱାର୍ଣ୍ଣିଂ ଥିବା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପରିସ୍ଥିତି ଉପରେ ସତର୍କଦୃଷ୍ଟି ରଖିବାକୁ କୁହାଯାଇଛି।

ରାଜ୍ୟର ଦୁର୍ଗମ ଅଂଚଳବାସୀଙ୍କୁ ସରକାରୀ ଯୋଜନାର ଲାଭ ପହଂଚାଇଛି ଡିଜିଟାଲ୍ ଇଣ୍ଡିଆ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୮ (ନି.ପ୍ର): ଡିଜିଟାଲ୍ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୁନଃପ୍ରତିଷ୍ଠାନ ଏବଂ ଇ-ଗଭର୍ଣ୍ଣାନ୍ସରେ ଓଡ଼ିଶା ମଧ୍ୟ ଅଧିକ ଲାଭପାଇବା ସ୍ଥିତିରେ ଅଛି । ପ୍ରଧାନମନ୍ତ୍ରୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଲକ୍ଷାଧିକ ଓଡ଼ିଆଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ମହାମାରୀ ସମୟରେ ଓଡିଶା ସମେତ ଦେଶର ଅନେକ ଗରିବ ଲୋକଙ୍କୁ ସିଧାସଳଖ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାରେ ଏବଂ ଦୁର୍ଗମ ଅଂଚଳରେ ଲୋକଙ୍କୁ ସରକାରୀ ଯୋଜନାର ପ୍ରତ୍ୟକ୍ଷ ଲାଭ ପହଂଚାଇବାରେ ଡିଜିଟାଲ୍ ଇଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ସମ୍ପର୍କରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଓଡ଼ିଶାରେ ଟେଲିଫୋନ୍ ଘନତ୍ୱକୁ ବଢ଼ାଇବା ପାଇଁ ଭାରତ ସରକାର ୨ଜି ଭଏସ୍ ଏବଂ ୪ଜି ଡାଟାର ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟର ୧୮ଟି ମାଓପ୍ରବଣ ଅଂଚଳରେ ୪୮୩ଟି ମୋବାଇଲ ଟାୱାର ପ୍ରତିଷ୍ଠା କରୁଛନ୍ତି। ଏହି ପଦକ୍ଷେପ ଇ-ଗଭର୍ଣ୍ଣାନ୍ସକୁ ପ୍ରୋତ୍ସାହନ ଯୋଗାଇବ, ଆର୍ଥିକ କାର୍ଯ୍ୟକୁ ବୃଦ୍ଧି କରିବା ସହ ସ୍ଥାନୀୟ ଲୋକଙ୍କୁ ସଶକ୍ତ କରିବ ଓ ସ୍ଥାନୀୟ ସୁରକ୍ଷା ବଳକୁ ମଧ୍ୟ ସାହାଯ୍ୟ କରିବ ।

କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାବତ କରୋନା ସଂକ୍ରମିତ

ନୂଆଦିଲ୍ଲୀ,୨୦।୮ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାବତ କରୋନା ସଂକ୍ରମିତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଅସୁସ୍ଥତାର କିଛି ଲକ୍ଷଣ ଦେଖା ଯିବା ପରେ କରୋନା ଟେଷ୍ଟ କରାଇଲି । ମୋର ରିପୋର୍ଟ କରୋନା ପଜିଟିଭ ଆସିଛି । ଡାକ୍ତର ମାନଙ୍କର ପରାମର୍ଶ କ୍ରମରେ ହସପିଟାଲରେ ଭର୍ତି ହୋଇଛି । ମୋ ସହ ଗତ ଦିନ ମାନଙ୍କରେ ସମ୍ପର୍କରେ ଆସିଥିବା ଲୋକ ମାନଙ୍କୁ ଅନୁରୋଧ ନିଜକୁ ଆଇସୋଲେଟ କରି ଜାଂଚ କରାଇ ନିଅନ୍ତୁ ।

ଓଡିଶାରେ ବନ୍ୟା ଆଶଙ୍କା ନାହିଁ : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୨୦।୮ (ନି.ପ୍ର): ବର୍ତମାନ ହୀରାକୁଦର ୧୦ ଗେଟ ଖୋଲା ଅଛି । ଛତିଶଗଡ଼ ଉପରମୁଣ୍ଡରେ ବର୍ଷାକୁ ଦୃଷ୍ଟିରେ ରଖି ସବୁ ବନ୍ଦ ନେଇ ନିଷ୍ପତି ନିଆଯିବ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି । ସେ କହିଛନ୍ତି ଯେ ଜଳଭଣ୍ଡାରକୁ ଅଢେଇ ଲକ୍ଷ ଘନ ଫୁଟ ଜଳ ପ୍ରବେଶ କରୁଛି ଏବଂ ଏକ ଲକ୍ଷ କ୍ୟୁସେକ୍ ଜଳ ବାହାରକୁ ଯାଉଛି । ହେଲେ ବନ୍ୟା କେଉଁଠି ନାହିଁ । ଗତ ୨୪ ଘଂଟାରେ ସବୁଠି ବର୍ଷା ହୋଇଛି । ସବୁ ନଦୀ ବିପଦ ସଂକେତ ତଳେ ଅଛି । ବୈତରଣୀରେ ପାଣି ବଢୁଛି । ହେଲେ ବ୍ରାହ୍ମଣୀରେ ପାଣି ନାହିଁ । ଆମେ ଆଖୁଆପଦାରେ ବୈତରଣୀ ପାଣି ହାଇଭର୍ଟ କରିବୁ । ୨୩ ତାରିଖରେ ଲଘୁଚାପ ପରେ ରେଙ୍ଗାଲି ଡ୍ୟାମରେ ପାଣି ସଂଚୟ କଥା ଚିନ୍ତା କରିବୁ । ଜଳକାରେ ସାମାନ୍ୟ ବିପଦ ସଂକୁଳ ଉପରେ ଅଛି । ତଳ ମୁଣ୍ଡରେ ବନ୍ୟାରେ ନ ହେବା ପାଇଁ ସବୁ ଡ୍ୟାମ ପରିଚାଳନା କରାଯାଉଛି ।

ଗଣେଶ ପୂଜା ନିଷ୍ପତ୍ତି ନେବ ସ୍ଥାନୀୟ ପ୍ରଶାସନ : ହାଇକୋର୍ଟ

ଭୁବନେଶ୍ୱର,୨୦।୮ (ନି.ପ୍ର): ଆସନ୍ତା ୨୨ ତାରିଖ ଦିନ କଟକ-ଭୁବନେଶ୍ୱରରେ ଗଣେଶ ପୂଜା ହେବ କି ନାହିଁ ସେ ନେଇ ସ୍ଥାନୀୟ ପ୍ରଶାସନ ନିଷ୍ପତି ନେବ ବୋଲି ଓଡିଶା ହାଇକୋର୍ଟ ରାୟ ଦେଇଛନ୍ତି । ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ଏହା କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଟ୍ୱିନ୍ ସିଟିରେ ମଣ୍ଡପରେ ସାମ୍ପ୍ରୁହିକ ଗଣେଶ ପୂଜା ଉପରେ ପ୍ରତିବନ୍ଧକ ଲଗାଇଥିଲା କମିଶନରେଟ ପୋଲିସ । ଏହି ନିଷ୍ପତିକୁ ବିରୋଧ କରି କଟକର ବୁଢା ଗଣେଶ ପୂଜା କମିଟି ସଭାପତି ହାଇକୋର୍ଟର ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ।

ଗଣଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ରାଜ୍ୟସରକାର : ବିଜେପି

ଭୁବନେଶ୍ୱର,୨୦।୮ (ନି.ପ୍ର): ରାଜ୍ୟରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ଚାଲିଛି । କଟକ ଜିଲ୍ଲାରେ ସରକାରୀ ଅଧିକାରୀମାନେ ମଧ୍ୟାହ୍ନ ଭୋଜନର ଅର୍ଥକୁ ଖୁଲମଖୁଲା ଲୁଟ୍ କରୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ବି ଶିକ୍ଷା ବିଭାଗ, ଶିକ୍ଷାମନ୍ତ୍ରୀ ଏବଂ କଟକ ଜିଲ୍ଲାପାଳ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ନେତା ଶାରଦା ପ୍ରଧାନ ସାଘାଂତିକ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ କିଛି ତଥ୍ୟ ପୋଷ୍ଟ କରାଯାଇଥିବାରୁ ବରିଷ୍ଠ ସାମ୍ବାଦିକଙ୍କ ପୁଅ ତଥା ଦିଆନ ପଣସପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ବିନା ତଦନ୍ତରେ ଗୋଟିଏ ଦିନ ମଧ୍ୟରେ ନିଲମ୍ବନ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯଦି ଗୋଟିଏ ଦିନରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତେବେ ଦୀର୍ଘ ୭ ବର୍ଷ ଧରି କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଦୁର୍ନୀତିର ବଡପଣ୍ଡା ସାଜିଥିବାବେଳେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉ ନାହିଁ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ବ୍ଲକରେ ଖଣ୍ଡାୟତ ପାଟିକିରା ସରକାରୀ ଉଚ୍ଚବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦୁର୍ନୀତି ହୋଇଛି । ଚଳିତ ବର୍ଷ ୨୨ ଜାନୁଆରୀ ଏବଂ୨୫ ଜାନୁଆରୀ ୨୦୨୦ରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟୀତ୍ୱରେ ଥିବା ଶିକ୍ଷକ ଅକ୍ଷୟ କୁମାର ନନ୍ଦ ମଧ୍ୟାହ୍ନ ଭୋଜନର ଏସଏମଏସ ଏବଂ ଛାତ୍ର ଉପସ୍ଥାନ ଖାତାରେ ବେଆଇନ ଭାବେ ମିଥ୍ୟା ଦସ୍ତଖତ କରି ପିଲାଙ୍କ ମଧ୍ୟାହ୍ନ ଭୋଜନ ଖାଦ୍ୟ ହଡପ କରିଥିଲେ । ଏହି ଘଟଣାର ତଦନ୍ତ ପାଇଁ ମାର୍ଚ୍ଚ ୨ ତାରିଖରେ ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁ ତଦନ୍ତ ନିର୍ଦ୍ଦେଶ ଦେଲେ । ଯୁଗ୍ମ ତଦନ୍ତ ଅଧିକାରୀ ଏହାର ତଦନ୍ତ କରି ମାର୍ଚ୍ଚ ୩ ତାରିଖରେ ତଦନ୍ତ ରିପୋର୍ଟ ନିଶ୍ଚିନ୍ତ କୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦେଲେ । କିନ୍ତୁ ଏଥିରେ ସେ ଟଂଚକତା ▶▶ପୃଷ୍ଠା ୭

କରୋନା ଆକ୍ରାନ୍ତ ହେଲେ ବିଧାୟକ ଅନନ୍ତ ନାରାୟଣ ଜେନା

ଭୁବନେଶ୍ୱର,୨୦।୮ (ନି.ପ୍ର): ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା କରୋନା ଆକ୍ରାନ୍ତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ କରୋନା ଲକ୍ଷଣ ଦେଖା ଯିବା ପରେ ସେ ଟେଷ୍ଟ କରିଥିଲେ ଓ ସେ ପଜିଟିଭ ଥିବା ଜଣା ପଡିଛି । ସେ ଭଲ ଅଛନ୍ତି ଓ ହୋମ ଆଇସୋଲେସନରେ ଅଛନ୍ତି । ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକ ମାନଙ୍କୁ କରୋନା ଟେଷ୍ଟିଂ କରାଇ ନେବାକୁ ସେ ଅନୁରୋଧ କରିଛନ୍ତି ।

ଗୋଟିଏ ଦିନରେ ୨୮୯୮ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୭୦୦୨୦କୁ ବୃଦ୍ଧି

ଭୁବନେଶ୍ୱର,୨୦।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୮୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୦୦୨୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୮୯୮ ଜଣଙ୍କ ମଧ୍ୟରୁ ୧୭୯୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୧୦୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫୨୪ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୨୨୬ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୬ , ବାଲେଶ୍ୱର ଜିଲ୍ଲାରେ ୧୪୦ ଜଣ, ବରଗଡ ଜିଲ୍ଲାରେ ୯, ଭଦ୍ରକ ଜିଲ୍ଲାରେ ୧୦୭, ବଲାଙ୍ଗିର ଜିଲ୍ଲାରେ ୧୭୩ .ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ୨୪୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୩. ଢେଙ୍କାନାଳ ଜିଲ୍ଲାରେ ୪୪, ଗଜପତି ଜିଲ୍ଲାରେ ୫୩, ଜଗତସିଂହପୁର ଜିଲ୍ଲାରେ ୮୪, ଯାଜପୁର ଜିଲ୍ଲାରେ ୬୯. ଝାରସୁଗୁଡା ଜିଲ୍ଲାରେ ୪୯, କଳାହାଣ୍ଡି ଜିଲ୍ଲାରେ ୭୬. କନ୍ଧମାଳ ଜିଲ୍ଲାରେ ୬୩, କେନ୍ଦ୍ରାପଡା ଜିଲ୍ଲାରେ ୫୭ ,କେନ୍ଦୁଝର ଜିଲ୍ଲାରେ ୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୩୨ ଜଣ, ମାଲକାନଗିରି ଜିଲ୍ଲାରେ ୫୬ , ମୟୁରଭଂଜ ଜିଲ୍ଲାରେ ୫୩, ନବରଙ୍ଗପୁରରେ ୩୭, ନୟାଗଡ ଜିଲ୍ଲାରେ ୨୩୨, ନୂଆପଡା ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୧୦୪, ରାୟଗଡା ଜିଲ୍ଲାରେ ୧୦୫, ସମ୍ବଲପୁର ଜିଲ୍ଲାରେ ୭୭ ,ସୋନପୁର ଜିଲ୍ଲାରେ ୨୩ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସ୍ୱଚ୍ଛ ସର୍ବେକ୍ଷଣରେ ଓଡିଶାକୁ ୨ଟି ପୁରସ୍କାର : ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୮ (ନି.ପ୍ର): 'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦'ରେ ୨ ଟି ବର୍ଗରେ ଓଡିଶାକୁ ପୁରସ୍କାର ମିଳିଛି। 'ଦ୍ରୁତ ଅଗ୍ରଗତି କରୁଥିବା ରାଜ୍ୟ' ଭାବରେ ପୁରସ୍କୃତ ହୋଇଛି ଓଡିଶା। ସେହିପରି ଶ୍ରେଷ୍ଠ ମଧ୍ୟମ ବର୍ଗର ସହର (୩-୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ) ଭାବରେ 'ଅଭିନବତ୍ୱ ଓ ଶ୍ରେଷ୍ଠ ଅଭ୍ୟାସ' ନିମନ୍ତେ ପୁରସ୍କୃତ ହୋଇଛି ବ୍ରହ୍ମପୁର ସହର। ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଏବଂ ବ୍ରହ୍ମପୁର ମହାନଗର ନିଗମକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ, ଆମର ସହରଗୁଡ଼ିକୁ ପରିଚ୍ଛନ୍ନ ଓ ବାସୋପଯୋଗୀ ରଖିବା ନିମନ୍ତେ ନିରନ୍ତର ଉଦ୍ୟମ ଅବ୍ୟାହତ ରହିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ, ଆଇନ ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟ ପକ୍ଷରୁ ଏବଂ ଗଞ୍ଜାମ ଜିଲ୍ଲାପାଳ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଥିଲେ । ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୮ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୩୮୦ ହେଲା

ଭୁବନେଶ୍ୱର,୨୦।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୮୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରୁ ୪ ଜଣ. ଖୋର୍ଧା, କଟକ, ପୁରୀ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ୮୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଢେଙ୍କାନାଳର ଜଣେ ଜଣେ ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୫୭ ବର୍ଷ ବୟସ୍କା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ. ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୪୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ୮୨ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ହିଁ ଅନ୍ୟ ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ସେ ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୭୬ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇ

ଭୁବନେଶ୍ୱର-କଟକ ମଧ୍ୟବର୍ତୀ ଅଂଚଳ ଜଳବନ୍ଦୀ କ୍ଷେତ୍ର ପରିଦର୍ଶନ କଲେ ଡ୍ରେନେଜ୍ ମୁଖ୍ୟଯନ୍ତ୍ରୀ

ଶୂନ୍ୟ ଜଳପ୍ଲାବନ ପାଇଁ ଆଶାର ସଂଚାର

ବାଲିଅନ୍ତା/କଟକ ସଦର/ଫୁଲନଖରା/ଭୁବନେଶ୍ୱର,୨୦।୮ (ନି.ପ୍ର): ଭୁବନେଶ୍ୱର-କଟକ ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହଂସପାଳ ଠାରୁ ଫୁଲନଖରା ପର୍ଯ୍ୟନ୍ତ କୁଆଖାଇ, ପୁରୀ ମୁଖ୍ୟକେନାଲ୍, ଜାତୀୟ ରାଜପଥ୧୬, ପ୍ରାଚୀ ନଦୀ ଅବବାହିକାରେ ଥିବା ନୂଆପାଟଣା, ନଖରା, ପାହାଳ, ଜୋହଳ, ଜୟପୁର, ବଙ୍ଗୁଆରୀ, ସାହାବାଦ, ହରିଦାସପୁର, ସୁନ୍ଦରାପାଟଣା, ନହରକଂଟା, ରୁଦ୍ରପୁର, ହଂସପାଳ ଆଦି ଗ୍ରାମ ଗୁଡ଼ିକରୁ ଜଳ ନିଷ୍କାସନ ହୋଇ ନ ପାରି ବର୍ଷ ବର୍ଷ ଧରି ଦୂଷିତ ଜଳ ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଚାଷ ଜମି ସହ ଲୋକଙ୍କ ବାଡ଼ି ବଗିଚା ବୁଡ଼ି ରହି ଚାଷ ଉଚ୍ଛେଦ ସହ ଜୀବନ ଜୀବିକା ବିପର୍ଯ୍ୟସ୍ତ ହେଉଅଛି । ପୁରୀ ମୁଖ୍ୟକେନାଲର ନୂଆପାଟଣା, ହରିଦାସପୁର, ନହରକଂଟା, ଅଣ୍ଡିଲୋ ସାଇଫନ୍‌ରୁ ବର୍ଷା ଓ ବନ୍ୟାଜଳ ଚାଷ ଜମି ଉପର ଦେଇ ଜାତୀୟ ରାଜପଥର କୁଣ୍ଡିତରାପାଟଣା, ପାହାଳ, ଜୟପୁର, ତଳଉ, ରୁଦ୍ରପୁର, ଜାଉଁଳି ଶଙ୍ଖ ଦେଇ ଅପର ପାର୍ଶ୍ୱରେ ଥିବା ପ୍ରାଚୀ ମୁହାଁଣ, ସଫେଇ ଦେଇ ତଳକୁ ନିଷ୍କାସନ ହେଉଥିଲା । ସାଇଫନ୍ ମୁହଁ ଓ ଶଙ୍ଖ ମୁହଁରେ ଜଳ ନିଷ୍କାସନ ପଥରେ ଜଳ ସମ୍ପଦ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମର ଅନୁମୋଦନ ନଥାଇ ଗୋଦାମଘର, ବ୍ୟବସାୟିକ ଓ ଗୃହ ନିର୍ମାଣ ପ୍ରକଳ୍ପ ନିର୍ମାଣ ଯୋଗୁଁ ଜଳ ନିଷ୍କାସନରେ ବାଧକ ସୃଷ୍ଟି ହୋଇ ଲୋକଙ୍କ ଚାଷ ବୁଡ଼ିବା ସହ ଘର ବାଡ଼ି ପାଣି ଘେରରେ ରହୁଛି । କେତେକ କ୍ଷେତ୍ରରେ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କ କିଛି ଅଧିକାରୀ ସମସ୍ତ ନିୟମ କାନୁନ୍‌କୁ ଆଖି ବୁଝି ନିର୍ମାଣ ଅନୁମୋଦନ କରିଛନ୍ତି ଯାହା ପାଇଁ ଜଳବନ୍ଦୀ ସମସ୍ୟା ଉତ୍କଟ ହୋଇଛି । ଏ ସମ୍ପର୍କରେ ଅଂଚଳବାସୀ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜଳସମ୍ପଦ, ନଗର ଉନ୍ନୟନ, ରାଜସ୍ୱ, ପୂର୍ତମନ୍ତ୍ରୀ, ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉତର ବିଧାୟକଙ୍କୁ ବାରମ୍ବାର ନିବେଦନ କରିଆସୁଛନ୍ତି । ଏହି ଅଂଚଳର ବାସିନ୍ଦା ପୂର୍ବତନ ବାଲିପାଟଣା, ଜୟଦେବ ବିଧାୟକ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଥିବା ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ ଭାଗୀରଥି ବଡ଼ଜେନା, ପ୍ରିୟଦର୍ଶୀ ମିଶ୍ରଙ୍କ ସହ ତତ୍କାଳିନ ବିଧାନସଭା ଏଷ୍ଟିମେଟ୍ କମିଟିର ଅଧ୍ୟକ୍ଷ ତଥା ବର୍ତମାନର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ପୂର୍ବତନ ପୌର ଆୟୁକ୍ତ ଡଃ କିଶନ କୁମାର, ବର୍ତମାନ ଆୟୁକ୍ତ ପ୍ରେମଚାନ୍ଦ ଚୌଧୁରୀ, ବିଧାୟକ ସୁଶାନ୍ତ କୁମାର ରାଉତ କ୍ଷେତ୍ର ପରିଦର୍ଶନ କରିଥିଲେ ମଧ୍ୟ ଜଳବନ୍ଦୀ ସମସ୍ୟା ସମାଧାନ ବଦଳରେ ଉତ୍କଟ ସମସ୍ୟା ସୃଷ୍ଟି କରିଛି । ଜାତୀୟ ରାଜପଥ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଥିବା ପାରମ୍ପରିକ ଆବହମାନ କାଳର ନୟନଜୋରୀ ପୋତି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନକରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ଦୂରଦୃଷ୍ଟି ବିହୀନ ରାସ୍ତା ସମ୍ପ୍ରସାରଣ ମଧ୍ୟ ଜଳବନ୍ଦୀର ଏକ ପ୍ରମୁଖ କାରଣ । ଏ ସମ୍ପର୍କରେ ବିଧାୟକ ସୁଶାନ୍ତ କୁମାର ରାଉତ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦୃଷ୍ଟି ଆକର୍ଷଣ କଲାପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳୁ ଡ୍ରେନେଜ୍ ମୁଖ୍ୟଯନ୍ତ୍ରୀ ଇଂ. ବିକ୍ରମ କେଶରୀ ସ୍ୱାଇଁଙ୍କ ନେତୃତ୍ୱରେ କଟକ ଅଧିକ୍ଷଣ ଯନ୍ତ୍ରୀ ତରଣୀସେନ୍ ଧଳ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା କ୍ଷେତ୍ର ପରିଦର୍ଶନରେ ଆସି ଫୁଲନଖରା ଛକର ପ୍ରାଚୀ ମୁହାଁଣ, ପାହାଳ ଗମ୍ଭାରିଆ ଜୋର, ଜାତୀୟ ରାଜପଥର କୁଣ୍ଡିତରାପାଟଣା, ପାହାଳ, ଜୟପୁର, ରୁଦ୍ରପୁର ଶଙ୍ଖ ସହିତ ସଫେଇ, ପୁରୀ ମୁଖ୍ୟ କେନାଲ୍‌ର ଅଣ୍ଡିଲୋ, ନହରକଂଟା, ହରିଦାସପୁର, ନୂଆପାଟଣା ସାଇଫନ ସହିତ ଜଳବନ୍ଦୀ ଅଂଚଳ ପରିଦର୍ଶନ କରିଥିଲେ । ସେମାନେ ଖୁବ୍‌ଶୀଘ୍ର କ୍ଷେତ୍ର ପରିଦର୍ଶନ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ । ସେମାନଙ୍କ କ୍ଷେତ୍ର ପରିଦର୍ଶନ ପରେ ଜଳବନ୍ଦୀରୁ ମୁକ୍ତ ହେବେ ବୋଲି ଅଂଚଳବାସୀ ଆଶାବାଦୀ । ଜଳ ନିଷ୍କାସନ ପଥକୁ ଅବରୋଧ କରି ଜଳ ନିଷ୍କାସନ ବ୍ୟବସ୍ଥା ବ୍ୟାହତ କରୁଥିବା ବେଆଇନ୍ ନିର୍ମାଣ ଗୋଦାମଘର, ବ୍ୟବସାୟିକ, ବାସଗୃହ ପ୍ରକଳ୍ପ ସଂସ୍ଥା ନିଜ ତରଫରୁ ଯେପରି ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତି ସେଥିପାଇଁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ କଠୋର ନିର୍ଦ୍ଦେଶନାମା ଜାରି କରିବା ସହ ଜାତୀୟ ରାଜପଥ, ପୁରୀ ମୁଖ୍ୟ କେନାଲ୍ ଓ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ପକ୍କା ଡ୍ରେନ୍ ନିର୍ମାଣ ପାଇଁ ଅ ଳବାସୀ ଗଣମାଧ୍ୟମ ଜରିଆରେ ମାନ୍ୟବର ବିଧାୟକ ଶ୍ରୀ ରାଉତଙ୍କ ସହ ରାଜସ୍ୱ, ନଗର ଉନ୍ନୟନ, ପୂର୍ତ, ଜଳସମ୍ପଦ ମନ୍ତ୍ରୀ, ସଚିବ, ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ, ମହାନଗର ନିଗମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସହକାରୀ ଯନ୍ତ୍ରୀଙ୍କ ପରଲୋକ

ଗୁଣପୁର,୨୦।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଗୁଣପୁର ଉପଖଣ୍ଡ ପଦ୍ମପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ ଆଜି ଗୁଣପୁର ମେଡିକାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛଁ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଗୁଣପୁର ମେଡିକାଲରେ ପରଲୋକ ଘଟିଛି । ସେ ଜଣେ ମେଳାପୀ, ପରୋପକାରୀ, ଜଣେ ଦକ୍ଷ ଅଧିକାରୀ, ଶା' ସରକଳ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ପଦ୍ମପୁର ଓ ଗୁଡ଼ାରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଗୁଡ଼ାରୀ ବ୍ଲକର ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ । ତାଙ୍କ ବିୟୋଗରେ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତିକାମନା କରିବା ସହ ଶୋକ ପ୍ରକାଶ କରିଥିଲେ ।

କିସ୍ ଅନୁଷ୍ଠାନ ଆନୁକୁଲ୍ୟରେ ତୃତୀୟ ପର୍ଯ୍ୟାୟ : ଶୁଖିଲା ଖାଦ୍ୟ ଓ ପାଠ୍ୟପୁସ୍ତକ ବଂଟନ

ବାରିପଦ,୨୦।୮ (ନି.ପ୍ର): କିସ୍,କିଟ୍ ଓ କଳିଙ୍ଗ ଟିଭିର ପ୍ରତିଷ୍ଠାତା ତଥ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଆନୁକୁଲ୍ୟରେ କିସ୍ ଅନୁଷ୍ଠାନରେ ପାଠ ପଢୁଥିବା ଓଡିଶାର ସମସ୍ତ ଅଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ତୃତୀୟ ପର୍ଯ୍ୟାୟରେ ଖାଇବା ନିମନ୍ତେ ଚୂଡା, ଚିନି, ବିସ୍କୁଟ, ଡାଲି ଆଦି ଶୁଖିଲାଖାଦ୍ୟ ଓ ପାଠ ପଢିବା ନିମନ୍ତେ ବହି, ଖାତା, ପେନ, ପେନ୍‌ସିଲ ଆଦି ଯୋଗାଇ ଦିଆଯାଉଛି । ଏଥି ସହିତ ପରୀକ୍ଷା ପାଇଁ ମଡେଲ ପ୍ରଶ୍ନପତ୍ର ମଧ୍ୟ ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଗତ ୧୭ ତାରିଖଦିନ ମୟୂରଭ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ ର କିସ୍ ରେ ପାଠ ପଢୁଥିବା ୧୬୫ ଜଣ ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କୁ ଶୁଖିଲାଖାଦ୍ୟ ଓ ପାଠ୍ୟ ଉପକରଣ ଆଦି ବଂଟନ କରାଯାଇଛି । ଅଭିଭାବକ ସଙ୍ଘ କର୍ମକର୍ତା ସର୍ବଶ୍ରୀ ବିହାରସିଂ ବାଲମୁଚୁ ଓ ଦେବେନ୍ଦ୍ରସିଂ ବାଲମୁଚୁଙ୍କ ଉପସ୍ଥିତିରେ କିସ୍ ର ପୂରାତନ ଛାତ୍ର ତଥା କ୍ରୀଡାବିତ୍ ଶ୍ରୀ ଦିବ୍ୟରନ ଦାସଙ୍କ ନେତୃତ୍ୱରେ ତରଣିସେନ ସାମାଡ,ଗଣେଶ ଗାଗରାଇ, ଗୌରାଙ୍ଗ ଜାମୁଦା, ସୁଜିତ ବାନ୍ଧିଆ ଓ ପ୍ରଶାନ୍ତ ମୁଣ୍ଡାରି ଶୁଖିଲାଖାଦ୍ୟ ଓ ପାଠ୍ୟଉପକରଣ ବଂଟନ କରିଥିଲେ । ଟକ୍ଟର ସାମନ୍ତଙ୍କ ଏଭଳି କାର୍ଯ୍ୟରେ ତାଙ୍କୁ ଅଭିଭାବକସଙ୍ଘର ସମସ୍ତ ସଦସ୍ୟ ଓ କିସ୍ ରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଛାତ୍ରଛାତ୍ରୀ ମାନଙ୍କୁ ଦୁଟି ପର୍ଯ୍ୟାୟରେ ଏହିସବୁ ବଂଟନ କରାଯାଇଥିଲା ।

ଯୁବ ବ୍ୟବସାୟୀ ଧନେଶ୍ୱର ଦାସଙ୍କ ପରଲୋକ

ଭୁବନ,୨୦।୮ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୬ ନମ୍ବର ୱାର୍ଡ ଅରାସାହି ବାସିନ୍ଦା ଯୁବ ବ୍ୟବସାୟୀ ଧନେଶ୍ୱର ଦାସ ଙ୍କର ଗତକାଲି ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା । ସେ ଗତ ସପ୍ତାହେ ହେଲା ଜ୍ୱରରେ ପୀଡିତ ଥାଇ ଘରେ ଚିକିତ୍ସିତ ହେଉଥିଲେ । ଗତକାଲି ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଇଥିଲା ଓ ଡାଇବେଟିସ, ସୁଗାର ବଢିଯାଇଥିବା କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ଭାଇ ମାୟାଧର, ଶରତ, ସୁନାକରଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଆଜି ସକାଳେ ଧନେଶ୍ୱରଙ୍କ ମୃତ୍ୟୁ ଖବର ପାଇ ହାଟ ବଣିକ ସଂଘ କର୍ମକର୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଁଚି ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ଧନେଶ୍ୱର ଜଣେ ଅତ୍ୟନ୍ତ ସାଧାସିଧା, ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

ବିଶ୍ୱ ଫୋଟଗ୍ରାଫି ଦିବସରେ ସ୍ୱର୍ଗତ ରାଜୁ ନାୟକଙ୍କୁ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି

ମନେ ପକାଇଲେ ଫୁଲବାଣୀର ବଦ୍ୟୁତିକ ଗଣମାଧ୍ୟମର କ୍ୟାମେରାମେନ

କନ୍ଧମାଳ,୨୦।୮ (ନି.ପ୍ର): ଆଜି ବିଶ୍ୱ ଫୋଟଗ୍ରାଫି ଦିବସରେ ସ୍ୱର୍ଗତ କ୍ୟାମରାମେନ ରାଜୁ ନାୟକଙ୍କୁ ମନେ ପକାଇଲେ ଫୁଲବାଣିର ସମସ୍ତ କ୍ୟାମେରାମେନ । ଫୁଲବାଣୀରେ ଗତ ବୁଧବାର ୧୨ ତାରିଖରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଆଜିକୁ ତାଙ୍କର ମୃତ୍ୟୁର ୭ମ ଦିନର ଶୋକ ପାଳନ ଅବସରରେ ତଥା ଫୋଟଗ୍ରାଫି ଦିବସ ଅବସରରେ ଫୁଲବାଣୀର ସମସ୍ତ ବଦ୍ୟୁତିକ ଗଣମାଧ୍ୟମର କ୍ୟାମେରାମେନ ମାନେ କ୍ୟାଣ୍ଡେଲ ଜଳାଇ ତାଙ୍କର ଅମର ଆତ୍ମାର ସଦଗତିନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ସମବେତ ହେବା ସହିତ କୋଭିଡ ନିୟମ ପାଳନ କରି ଆଜି ସଂନ୍ଧ୍ୟାରେ ସ୍ୱାର୍ଗତ ରାଜୁ ନାୟକଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜଳାଇଥିଲେ । ତାଙ୍କର ଉଦେଶ୍ୟରେ ୨ ମିନିଟ ନିରବ ପ୍ରର୍ଥନା କରିବାସହିତ ସେଠାରେ ତାଙ୍କର ସ୍ମୃତି ଚାରଣ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ୟାମେରାମେନ ବିଶ୍ୱରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ କ୍ୟାମେରାମେନ ସାଗର ପାଢୀ, କୃତିଦୀପନ ଭୋଇ, ଦିନଶେ ମହାପାତ୍ର, ଦୀପକ ମହାରଣା,ଚିନ୍ମୟ ବେହେରା,କାହ୍ନା ପଟ୍ଟନାୟକ,ସେଖ୍ ଅବଦୁଲ ମନ୍ନରଆଲମ,ହୃଶୀକେଶ ବେହେରା, ସମୀର ବେହେରା, ଶିବଶଙ୍କର ରଣା ଓ ବିକାଶ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ ।

ଭୂଷଳର କୋବ୍ରା କମାଣ୍ଡୋ ମନୋଜ ବାରିକଙ୍କୁ ରାଷ୍ଟ୍ରପତି ପୋଲିସ ପଦକ, ଗ୍ରାମରେ ଖୁସିର ଲହରୀ

ଭୁବନ,୨୦।୮ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ଗ୍ରାମର ଖଗେଶ୍ୱର ବାରିକ ଙ୍କ ପୁଅ ମନୋଜ ବାରିକଙ୍କୁ ଉତ୍କର୍ଷ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ମିଳିବା ପରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି । ୨୦୧୬ ରେ କୋବ୍ରା ବାହିନୀର ୨୦୮ ସିଆରପିଏଫ କମାଣ୍ଡୋ ଭାବେ ଛତିଶଗଡ ରାଜ୍ୟର ସୁକୁମା ଠାରେ ମାଓବାଦୀ ଅପରେସନରେ ସାମିଲ ହୋଇ ୨ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ହତ୍ୟା କରିଥିଲେ । ଏହି ଅପରେସନରେ ୯ ଜଣ ମାଓବାଦୀ ଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଜବାନ ସହିଦ ହୋଇଥିଲେ । ସ୍ୱାଧିନତା ଦିବସ ଅବସରରେ କରୋନା କଟକଣା ସକାଶେ ନୂଆଦିଲ୍ଲୀ ପରିବର୍ତେ ବିଶାଖାପାଟଣା ସିଆରପିଏଫ କାର୍ଯ୍ୟାଳୟଠାରେ ସିଆରପିଏଫ ଡିଜି ଏପି ମାହେଶ୍ୱରୀଙ୍କ ଉପସ୍ଥିତିରେ ଭିଡିଓ କନଫରେନ୍ସ ଜରିଆରେ ମନୋଜ ବାରିକଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରାଯାଇଥିଲା । ଏହି ପଦକ ପାଇବାରେ ସେ ଏକମାତ୍ର ଓଡିଆ ହୋଇଥିବାରୁ କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ସାରା ଓଡିଶା ପାଇଁ ସେ ଗୌରବ ଅର୍ଜନ କରିଛନ୍ତି ଓ ତା ପାଇଁ ମୁଁ ଗର୍ବିତ ବୋଲି ତାଙ୍କ ବାପା ଖଗେଶ୍ୱର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

ଶ୍ରୀହୀନ ହୋଇପଡ଼ିଛି ପୌରାଂଚଳର ଅମୃତ ପାର୍କ : କେବେ ଫେରିବ ପାର୍କର ଅପରୂପ ସୌନ୍ଦର୍ଯ୍ୟ ?

ଭଦ୍ରକ, ୨୦/୮ (ହି.ସ.)- କରୋନା ସ୍ଥିତିରେ ଲକଡାଉନ କଟକଣା ପାଇଁ ପୌରାଂଚଳର ସମସ୍ତ ଅମୃତ ପାର୍କ ଶୂନଶାନ୍ । ସକାଳେ ପ୍ରାତ ଭ୍ରମଣ ପାଇଁ କେହି ଆସୁ ନାହାନ୍ତି କିମ୍ବା ଅପରାହ୍ନରେ ପିଲାମାନଙ୍କ ଖେଳକୁଦ ଦେଖିବାକୁ ମିଳୁନି । ସମସ୍ତ ପାର୍କର ମୁଖ୍ୟ ଫାଟକରେ ତାଲା । ଫଳରେ ଶ୍ରୀହୀନ ହୋଇପଡ଼ିଛି ପୌରାଂଚଳର ସମସ୍ତ ଅମୃତ ପାର୍କ । ଯୁଆଡ଼େ ଅନାଇଲେ ଅନାବନା ଘାସ । ଲକ୍ଷ ଲକ୍ଷ ଟଙ୍କାରେ ଲଗାଯାଇଥିବା ଘାସର ଗାଲିଚା ଲୁଚି ଗଲାଣି । ଘାସ ଗାଲିଚା ଉପରେ ଦେଶୀ ମୂଥାର ବଣ । ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ବହୁ ସୁନ୍ଦର ଗଛ ମରିବାକୁ ବସିଲେଣି । ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ଆଲୋକ ବ୍ୟବସ୍ଥା ଅଚଳ ଓ ପିଲାମାନଙ୍କ ଦୋଳି ଠାରୁ ଆରମ୍ଭ କରି ବିଭିନ୍ନ ମନୋରଂଜନର ମାଧ୍ୟମରେ କଳଙ୍କି ଲାଗିବାକୁ ବସିଛି । ଲକଡାଉନ କଟକଣା ପାଇଁ ପାର୍କ ଏବେ ଖାଁ ଖାଁ ଲାଗୁଛି । ମୋଟାମୋଟି ଭାବରେ ପୌରାଂଚଳର ସମସ୍ତ ପାର୍କ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ, ଏହାର ରକ୍ଷଣାକ୍ଷେଣ ଦିଗରେ ପୌର କର୍ତୃପକ୍ଷ ସମ୍ପୂର୍ଣ୍ଣ ଉଦାସୀନ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ସ୍ଥାନ ପାଇଥିଲା ଭଦ୍ରକ ସହର । ସହରର ସୌନ୍ଦର୍ଯ୍ୟକରଣ, ପାନୀୟ ଜଳ ଯୋଗାଣ, ଡେନେଜ ବ୍ୟବସ୍ଥା ସମେତ ବିଭିନ୍ନ ମୌଳିକ ଆବଶ୍ୟକତା ଉପରେ ଏହି ଯୋଜନାରେ ପ୍ରାଥମିକତା ଦିଆ ଯାଇଥିଲା । ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ ଶୁଦ୍ଧ ପାନୀୟ ଜଳ ଯୋଗାଣ ସମେତ ଅନ୍ୟ ସମସ୍ତ ପ୍ରସଙ୍ଗ ଏବେ ସହରବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି । କିନ୍ତୁ ଏହି ଅବଧି ମଧ୍ୟରେ ପୌରପାଳିକା ପକ୍ଷରୁ ପୌରା ଳରେ ୫ଟି ପାର୍କ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ତେବେ ଚରମ୍ପା ୨ନମ୍ବର ୱାର୍ଡ଼ ରହଣିଆ, ୬ନମ୍ବର ୱାର୍ଡ଼ ମଠସାହି ଓ ୩୦ ନମ୍ବର ୱାର୍ଡ଼ ଗରଦପୁର ଠାରେ ୩ଟି ଅମୃତ ପାର୍କ ଲୋକାର୍ପିତ ହୋଇସାରିଛି । ଏହି ତିନିଟି ପାର୍କ ପାଇଁ ପ୍ରାୟ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି । ୯ନମ୍ବର ୱାର୍ଡ଼ ବାଗୁରାଇ ଓ ୧୫ ନମ୍ବର ୱାର୍ଡ଼ କୁଆଁସ ଠାରେ ଏବେ ମଧ୍ୟ ଦୁଇଟି ଅମୃତ ପାର୍କ ନିର୍ମାଣାଧିନ ରହିଛି । କିନ୍ତୁ ଯେଉଁ ଅଢ଼େଇ କୋଟି ଟଙ୍କାର ତିନିଟି ପାର୍କ ଲୋକାର୍ପିତ ହୋଇଛି ସେଗୁଡ଼ିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଲକ୍‌ଡାଉନ ପାଇଁ ସରକାର ପାର୍କ, ଜିମନାସିୟମ ଠାରୁ ଆରମ୍ଭ କରି ଥିଏଟର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କଟକଣା ଜାରୀ କରିବା ପରେ ଏହି ୩ଟି ପାର୍କ ବନ୍ଦ ରହିଛି । ତେବେ କରୋନା କଟକଣା ପାଇଁ ପାର୍କ ବନ୍ଦ ରହିଥିଲେ ମଧ୍ୟ, ଏସମସ୍ତ ପାର୍କର ରକ୍ଷଣାବେକ୍ଷଣ ଦିଗରେ ପୌର କର୍ତୃପକ୍ଷ ସମ୍ପୂର୍ଣ୍ଣ ଉଦାସୀନ ରହିଛନ୍ତି । ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌରପାଳିକାର ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କର । କିନ୍ତୁ ଉଭୟ ଯନ୍ତ୍ରୀ ଏଦିଗରେ ଆଦୌ ଧ୍ୟାନ ଦେଉ ନାହାନ୍ତି । ଫଳରେ ବହୁ ଲକ୍ଷ ଟଙ୍କା ବ୍ୟୟରେ ବିଛାଯାଇଥିବା ଘାସ ଗାଲିଚା ନଷ୍ଟ ହେବାକୁ ବସିଛି । ସେହିପରି ପାର୍କର ଆଲୋକ ବ୍ୟବସ୍ଥା ଠାରୁ ଆରମ୍ଭ କରି ବିଭିନ୍ନ ପିଲାଙ୍କ ଖେଳିବା ଉପକରଣ ପର୍ଯ୍ୟନ୍ତ ନଷ୍ଟ ହେବାରେ ଲାଗିଛି । ଏସମସ୍ତ ପାର୍କ କାର୍ଯ୍ୟ

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ୍

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ୍‌ରେ ରହିଛି । ଏଥନିକ୍ ଏବଂ କାଜୁଆଲ୍ ଉଭୟ ଆଉଟଫିଟ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧିପାରିବେ । ଏଥିରେ ଏକ ଫ୍ୟୁଜନ କମ୍ବିନେସନ ମଧ୍ୟ ବନେଇ ପାରିବେ । କଲରଫୁଲ, ଫ୍ଲେନ୍, ଫ୍ଲୋରାଲ ଏବଂ ଡବଲ ସାଇଡେଡ୍ ସ୍ରଗ୍ ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ ।

ସିଜନ୍ ଅନୁସାରେ ଷ୍ଟାଇଲ ବନାନ୍ତୁ:

ଏବେ ବଲିଉଡ୍ ଅଭିନେତ୍ରୀମାନେ ବଡିକନ୍ ଡ୍ରେସ୍, ସର୍ଟସ୍ ଏବଂ ଟୁ ପିସ୍ ଉପରେ ଲଙ୍ଗ୍ ସ୍ରଗ୍ ପିନ୍ଧିବାର ନଜର ଆସୁଛନ୍ତି । ଜିନ୍ସ, ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, ଗାଇନ୍, କୁର୍ତ୍ତା ଏବଂ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଭଲ ମାନିଥାଏ । ଏହାର ସ୍ଲିଭଲେସ୍ ଏବଂ ଫୁଲ କିମ୍ବା ଥ୍ରି ଫୋର୍ଥ ସ୍ଲିଭସ୍ ପରି ଅନେକ ଭେରାଇଟି ମିଳୁଛି । ତେବେ ହେଭି, ବୋଲ୍ଡ ଏବଂ ଲାଇଟ୍ ଫ୍ରିଣ୍ଜ ଲଙ୍ଗ୍ ସ୍ରଗ୍‌କୁ ସବୁ ସିଜନ୍ ଅନୁସାରେ ଡ୍ରେସ୍ ସହିତ ଷ୍ଟାଇଲ୍ କରିପାରିବେ ।

ଦିଅନ୍ତୁ ଷ୍ଟାଇଲିଶ୍ ଟଚ୍:

♦ ଇଣ୍ଡୋ- ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ମ୍ୟାକ୍ସି ଡ୍ରେସ୍ ବା କୁର୍ତ୍ତା ସହିତ ଟିମ୍ ଅପ୍ କରିପାରିବେ ଲଙ୍ଗ୍ ସ୍ରଗ୍ । ଏଥିରେ ଆପଣ ପରଫେକ୍ଟ ଫ୍ୟୁଜନ୍ ଲୁକ୍ ପାଇପାରିବେ । କ୍ରପ୍ ଟପ୍ ଏବଂ ସ୍କର୍ଟ ସହିତ ପିନ୍ଧନ୍ତୁ । ପାଲାଜୋ ପିନ୍ଧୁଥିଲେ ହାଇ-ଲୋ କିମ୍ବା ଫ୍ରଣ୍ଟ ଓପନ୍ ଲଙ୍ଗ୍ ସ୍ରଗ୍ ଲେୟାରିଙ୍ଗ୍ ଭଲ ଅପସନ୍ ହେବ ।

♦ ପାର୍ଟିରେ ସ୍ଲିମ୍ ସର୍ଟ ଡ୍ରେସ୍ ପିନ୍ଧିବାକୁ ଚାହୁଁଥିଲେ, ଲଙ୍ଗ୍ ସ୍ରଗ୍ କାମରେ ଆସିଥାଏ । ସେହିପରି ହଟ୍ ପ୍ୟାଣ୍ଟ, ସର୍ଟ ସ୍କର୍ଟ ସହିତ ମଧ୍ୟ ପେୟାର କରିପାରିବେ ।

♦ ବଡିକନ୍ ଡ୍ରେସ୍, ଟି ସାର୍ଟ, ସର୍ଟସ୍ ଏବଂ ଜମ୍ପସୁଟ୍‌ରେ ଲଙ୍ଗ୍ ସ୍ରଗ୍ ଟ୍ରାଏ କରନ୍ତୁ । ଯଦି ଆପଣଙ୍କ ଉଚ୍ଚତା ଛୋଟ ତା'ହେଲେ ଚିନ୍ତା କରିବାର ନାହିଁ, ସର୍ଟସ୍ ସହିତ ଏହାକୁ ପିନ୍ଧିପାରିବେ । ତା' ସହିତ ହାଇ ହିଲ୍ ପିନ୍ଧିବାକୁ ଭୁଲିବେ ନାହିଁ । ହେୟାର ଷ୍ଟାଇଲରେ ଅପର ବନ୍ ବନାନ୍ତୁ । ଏଥିରେ ଆପଣ ଲମ୍ବା ଦେଖାଯିବେ ।

♦ କାଜୁଆଲ ଲୁକ୍ ପାଇଁ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଟିମ୍ ଅପ୍ କରନ୍ତୁ । ଏହାକୁ ଆପଣ ବିଚ୍ ୱିୟର ରୂପେ ମଧ୍ୟ ପିନ୍ଧିପାରିବେ । ସେମି ଫର୍ମାଲ୍ ଲୁକ୍ ପାଇଁ ଜିନ୍ସ ଏବଂ କୁର୍ତ୍ତା ସହିତ ପିନ୍ଧିପାରିବେ । ସାଲୱାର କମିଜ ଏବଂ ଗାଉନରେର ଲଙ୍ଗ୍ ଫ୍ଲାଟ୍ କଲର୍ଡ ସ୍ରଗ୍‌ର କମ୍ବିନେସନ ସ୍ୱତନ୍ତ୍ର ଅବସରରେ କ୍ଲାସି ଲୁକ୍ ଦେଇଥାଏ ।

♦ ଏହା ସହିତ ଲଙ୍ଗ୍ ଚେନ୍ ପେଣ୍ଡେଣ୍ଟ୍ ଭଲ ମାନିଥାଏ । ଯଦି ବଡିକନ୍ ଡ୍ରେସ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧୁଛନ୍ତି, ଚୋକର କିମ୍ବା ଟ୍ରାଇବାଲ ଜୁଏଲାରୀ କ୍ୟାରି କରନ୍ତୁ । ସର୍ଟସ୍ ଏବଂ ଅଫ୍ ସୋଲ୍ଡର ଟପ୍‌ରେ ଚୋକର ଏବଂ ନେକପିସ୍ ସୁନ୍ଦର ଲାଗିଥାଏ । ଚାହିଁଲେ କେବଳ ଷ୍ଟାଇଲ ଷ୍ଟେଟମେଣ୍ଟ ଇଅରରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

♦ ପାର୍ଟି ଏବଂ ଆଉଟିଙ୍ଗରେ ବ୍ରାଇଟ୍ କଲର୍‌ର ସ୍ରଗ୍ ନିଅନ୍ତୁ । ଅରେଞ୍ଜ ସେଡ୍ ଟ୍ରେଣ୍ଡ୍‌ରେ ରହିଛି । ପ୍ରିଣ୍ଟେଡ୍ ଏବଂ ଚେକ୍ସ ସ୍ରଗ୍ ପିନ୍ଧିପାରିବେ । ନାଇଟ୍ ପାର୍ଟି ପାଇଁ ମେଟାଲିକ୍ କଲର ଭଲ ମାନିଥାଏ ।

ସ୍ୱାସ୍ଥ୍ୟ ଟିପ୍ସ

କୋଷ୍ଠକାଠିନ୍ୟରୁ ରକ୍ଷା ପାଇବା ପାଇଁ ଖାଦ୍ୟ ବାବଦରେ ସଚେତନ ରହନ୍ତୁ । ଦିନରେ ଦୁଇ ଥର ଫଳ, ତିନିରୁ ଚାରି ଥର ପନିପରିବା ଖାଆନ୍ତୁ । ଅମୃତଭଣ୍ଡା, ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବ ଖାଆନ୍ତୁ । ସେଓ, ପିଜୁଳି ଓ ନାସପାତି ଚୋପା ନ ଛଡ଼ାଇ ଖାଆନ୍ତୁ । ପାଳଙ୍ଗ, ବଥୁଆ, କୋଶଳା, ଖଡ଼ା ଓ ମେଥି ଶାଗ ଖାଆନ୍ତୁ । ବିନ୍‌ସ, ମଟର ଛୁଇଁ, ବନ୍ଧାକୋବି, ଆଳୁ, ମୂଳା, ଗାଜର, କଞ୍ଚା ଅମୃତଭଣ୍ଡା, କଞ୍ଚା କଦଳୀ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ପ୍ରତି ଦିନ ଦୁଇ ଥର ଡାଲି ଖାଆନ୍ତୁ । ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ । ଫଳ ରସ, ମଇଦା ରୁଟି ପରଦା, ବିସ୍କୁଟ୍, ପାସ୍ତା, ନୁଡୁଲ୍‌ସ, ନାନ ଖାଆନ୍ତୁ ନାହିଁ । ନିୟମିତ ଔଷଧୀୟ ଲାଗ୍‌ଜାଟିଭ୍ ଖାଆନ୍ତୁ ନାହିଁ । ଇସବଗୁଲ ଖାଇପାରିବେ । ରାତିରେ ୧୦-୧୫ଟି କଳା କିସମିସ ବା ୩-୪ଟି ଶୁଖିଲା ଡିମିରି ଉଷୁମ ପାଣିରେ ବତୁରାନ୍ତୁ । ସକାଳେ ପାଣି ସହ ଭଲ ଭାବେ ଚୋବାଇଖାଆନ୍ତୁ । ସର୍ବଦା ଖାଦ୍ୟ ଧୀରେ ଚୋବାଇ ଚୋବାଇ ଖାଆନ୍ତୁ । ୮-୧୦ ଗ୍ଲାସ୍ ପାଣି ପିଅନ୍ତୁ । ଉଷୁମ ଲେମ୍ବୁ ପାଣି ପରିବା ସୁପ୍ ପିଅନ୍ତୁ । ଉଷୁମ ଲେମ୍ବୁ ପାଣି ଓ ପରିବା ସୁପ୍ ପିଅନ୍ତୁ । ଦୈନିକ ବ୍ୟାୟାମ କରନ୍ତୁ ।

ମିସନ୍ ନ୍ୟୁଟ୍ରିସନ୍

କରୋନା ସଙ୍କଟର ଏହି ସମୟରେ ଅନେକ ବଲିଉଡ୍ ସେଲିବ୍ରିଟି ପାଇଁ ଆଗେଇ ଆସୁଛନ୍ତି । ସୋନୁ ସୁଦ୍, ଅକ୍ଷୟ କୁମାର ପ୍ରମୁଖ ଏ ଉଲ୍ଲେଖନୀୟ କାମ କରିଥିବାବେଳେ ସେହି ତାଲିକାରେ ଏବେ କଳାକାର ସାମିଲ ହୋଇଛନ୍ତି । ସେ ହେଉଛନ୍ତି ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ । ଅଗଷ୍ଟ ୧୧ ରେ ତାଙ୍କ ଅବସରରେ ମହାରାଷ୍ଟ୍ରର ୨ଟି ଗାଁ ପାଥରଡି ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ ନିଷ୍ପତ୍ତି ନେଇଛନ୍ତି । ପୁଷ୍ଟିହୀନତାର ଏହି ଦୁଇ ଗାଁର ଲୋକଙ୍କୁ ସେ ଯୋଗାଇବେ । ଏ ସମ୍ପର୍କରେ କିଛି ଦିନ ହେଲା ମୁଁ କରୁଥିଲି । କରୋନା ସର୍ବନିମ୍ନ ଆବଶ୍ୟକତା କରୁଛନ୍ତି । ଏହି ପ୍ରକଳ୍ପ ୧,୫୫୦ ଜଣଙ୍କର ଦାୟିତ୍ୱ ପୁଷ୍ଟିହୀନତାର ଶିକାର ସେମାନଙ୍କ ପାଇଁ ସଚେତନତାମୂଳକ ହେବ । ନବଜାତକଙ୍କ ଯତ୍ନ ନେବାକୁ ବିଭିନ୍ନ ସୂଚନା ଦିଆଯିବା ସହ ସହାୟତା ଭାବେ ୨୦ ପରିବାରର ସ୍ୱାସ୍ଥ୍ୟାବସ୍ଥା ଉପରେ ପୁଷ୍ଟିହୀନତାରୁ ରକ୍ଷା ପାଇବା ଲାଗି ସେମାନଙ୍କୁ କରାଯିବ । ସେହିପରି ୨୦ କିଚେନ୍ ଗାର୍ଡେନ୍ ଟାର୍ଗେଟ୍ ରହିଥିବା ସେ କହିଛନ୍ତି । ଆଗକୁ ଲକ୍ଷ୍ୟ ରାଜ ଆନନ୍ଦଙ୍କ 'ଆଟାକ୍'ରେ ମିଳିବ । ସେଥିରେ ତାଙ୍କ ସହ ଜନ୍ ଆବ୍ରାହମ୍ କରିବେ । ଏହା ଜନ୍-ଜ୍ୟାକ୍‌ଲିନ୍ ଯୋଡ଼ିଙ୍କ ହେବ । ସେମାନେ 'ହାଉସଫୁଲ-୨', ୨'ରେ କାମ କରିସାରିଛନ୍ତି ।

ଲୋକଙ୍କ ସହାୟତା କ୍ଷେତ୍ରରେ ଆଉ ଜଣେ ଅଭିନେତ୍ରୀ ଜନ୍ମଦିନ ଏବଂ ସକୁରକୁ ୩ କରିବାକୁ ଜ୍ୟାକଲିନ୍ ଶିକାର ହୋଇଥିବା ଖାଦ୍ୟ ସାମଗ୍ରୀ ଜ୍ୟାକଲିନ୍ କହିଛନ୍ତି, ଏକଥା ଚିନ୍ତା ଯୋଗୁ ବହୁ ଲୋକ ପୂରଣ ପାଇଁ ସଂଘର୍ଷ ଅନୁସାରେ ମୁଁ ପ୍ରାୟ ନେବି । ପିଲାଙ୍କ ସହ ଲୋକଙ୍କର ଚିହ୍ନଟ କରାଯିବ । କାର୍ଯ୍ୟକ୍ରମ ଅନୁଷ୍ଠିତ ୧୫୦ ମହିଳାଙ୍କୁ କରାଯିବ । ପ୍ରାଥମିକ ନଜର ରଖାଯିବ । ସାହାଯ୍ୟ କରାଯିବାକୁ ଜ୍ୟାକଲିନ୍‌ଙ୍କୁ ଦେଖିବାକୁ ସ୍କ୍ରିନ୍ ସେୟାର ତୃତୀୟ ଫିଲ୍ମ 'ରେସ୍-

ବହି ଥାକର୍ ପାଠାଗାର୍



ସବୁ ପାଠାଗାରରେ ବହି ଥାକ ଥାଏ ସତ ହେଲେ ଖୁବ୍ କମ୍ ପାଠାଗାର ବିଶାଳ ବହି ଥାକରେ ନିର୍ମିତ ହୋଇଥିବାର ଭ୍ରମ ସୃଷ୍ଟି କରେ । କେରଳର କାନ୍ନୁର ଜିଲ୍ଲାର କାରାୟିଲରେ ରହିଛି ଏପରି ଏକ ସର୍ବସାଧାରଣ ପାଠାଗାର । 'ଲାଲ ବାହାଦୂର ଶାସ୍ତ୍ରୀ ବୟନଶାଳା ଆଣ୍ଡ୍ ଗ୍ରନ୍ଥାଳୟମ୍' ନାମକ ଉକ୍ତ ପାଠାଗାର ଅଟ୍ଟାଳିକା ଚାରିପଟେ ୪୦୦ଟି(ମୁଖ୍ୟତଃ ମଲାୟମ୍ ଭାଷାର) ପୁସ୍ତକର ପ୍ରଚ୍ଛଦ ଶୋଭା ପାଉଛି । ପାଠାଗାରର ଇତିହାସ ମଧ୍ୟ ରୋଚକ । ରାଜ୍ୟବ୍ୟାପୀ 'ଗ୍ରନ୍ଥଶାଳା ସଂଘମ୍' ପାଠାଗାର ଆନ୍ଦୋଳନ କାଳରେ ୧୯୬୭ ମସିହାଂରେ ଏହାର ଲୋକର୍ପଣ ହୋଇଥିଲା । ପ୍ରାୟ ଏକ ଦଶନ୍ଧି ପୂର୍ବରୁ ରାଜରାସ୍ତା ନିର୍ମାଣ ପାଇଁ ପୁରୁଣା ପାଠାଗାର କୋଠାକୁ ଭାଙ୍ଗି ଦିଆଯିବା ପରେ କିଛି ବର୍ଷ ଭଡ଼ା ଘରେ ପାଠକଙ୍କୁ ସେବା ଯୋଗାଇ ଦିଆଯାଉଥିଲା । ପରେ ୪୦ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରି ଏହି ନୂଆ କୋଠାର ପରିକଳ୍ପନା କରାଗଲା । ସ୍ଥପତି କେକେଆର୍ ଭେଙ୍ଗାରାଙ୍କ ଡିଜାଇନ୍‌ରେ ନିର୍ମାଣ ପରେ ଗତ ବର୍ଷ ଏହାର ଉଦ୍‌ଘାଟନ କରାଯାଇଛି । କେରଳର ପରମ୍ପରା ଓ ପାଠାଗାର ମଧ୍ୟରେ ସମ୍ପର୍କ ଖୁବ୍ ଘନିଷ୍ଠ । ସେହି କାରଣରୁ କେରଳରେ ରହିଛି ୮,୫୦୦ରୁ ଊର୍ଦ୍ଧ୍ୱ ସର୍ବସାଧାରଣ ପାଠାଗାର ।

ପଥର ଉପରେ ରୋଷେଇ !

ମୁମ୍ବଇ ଅନ୍ତର୍ଗତ ଭାୟଖଲାର ନଫୀସ ଅନସାରୀ ଜଣେ ପାଚକ । ସେ ହାଇଦ୍ରାବାଦର ମୂଳ ବାସିନ୍ଦା । ସେ 'ହାଜୀ ଭାଇ ପଥର କେ ସନମ୍' ନାମରେ ପରିଚିତ । କାରଣ ସେ ପଥର ଉପରେ ହିଁ ରୋଷେଇ କରନ୍ତି । ରୋଷେଇରେ କୌଣସି ବାସନ-କୁସନ ବ୍ୟବହାର କରନ୍ତି ନାହିଁ । ତାଙ୍କ ପାଖରେ ସାତଟି ପଥର ସ୍ଲାବ୍ ଅଛି । ପ୍ରତିଟିର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ଦୁଇ ଏବଂ ଅଢ଼େଇ ଫୁଟ; ଓଜନ ପଚାଶ କିଲୋଗ୍ରାମ୍ । କୁକୁଡ଼ା ମାଂସ, ମାଛ ମେଣ୍ଢା ଓ ଛେଳି ମାଂସ ଆଦି ପାଇଁ ଅଲଗା ଅଲଗା ପଥର । ସେଗୁଡ଼ିକ ସଉଦୀ ଆରବରୁ ଆମଦାନି କରିଛନ୍ତି । ଏକ ଲୁହା ଷ୍ଟାଣ୍ଡ ଉପରେ ପଥର ସ୍ଲାବ୍ ରଖି, ସେ କୋଇଲା ଆଞ୍ଚରେ ରାନ୍ଧନ୍ତି । ନଫୀସଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଖାଦ୍ୟର ନାମ ପୂର୍ବରୁ 'ପଥର' ଉପସର୍ଗ ଲାଗେ; ଯଥା- 'ପଥର କା ମୁର୍ଗ', 'ପଥର କା କୋରମା' । ନଫୀସ ଏକଦା ସାଉଦୀ ଆରବରେ କାମ କରୁଥିଲେ । ସେଠାରେ ଆରବୀ ବେଦୁଇନମାନଙ୍କଠାରୁ ପଥର ଉପରେ ରନ୍ଧନ ପଦ୍ଧତି ଶିଖିଥିଲେ । ଭାରତ ଫେରିବା ପରେ ଏହି ନିଆରା ବ୍ୟବସାୟ ଆରମ୍ଭ କରିଥିଲେ ।

ବଫାଲୋ ଜଂପ୍

କାନାଡ଼ା ଅନ୍ତର୍ଗତ ଦକ୍ଷିଣ ଆଲ୍‌ବର୍ଟାର ଏକ ସ୍ଥାନର ନାମ 'ହେଡ୍-ସ୍ମାସ୍‌ଡ-ଇନ ବଫାଲୋ ଜଂପ୍ । ରକି ପର୍ବତ ପାଦଦେଶରେ ଅବସ୍ଥିତ ଏହି ସ୍ଥାନକୁ ୧୯୮୧ରେ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଏଠାରେ ଦେଖିବାକୁ ମିଳେ ଗୋଟିଏ ବଡ଼ କୁଦ, ଆଦିମ ଅଧିବାସୀଙ୍କର ଏକ ଶିବିରର ଧ୍ୱଂସାବଶେଷ, ବହୁ ସଂଖ୍ୟକ ଗୟଳ ବା ବଣ ମଇଁଷି ବା ଆମେରିକାନ୍ ବାଇସନ୍ କଙ୍କାଳ ଏବଂ କିଛି ସଂକୀର୍ଣ୍ଣ ପାଦ- ଚଲା ରାସ୍ତା । ପ୍ରାୟ ଛଅ ହଜାର ବର୍ଷ ଧରି ଏଠାରେ ଗୟଳ ଶିକାର କରାଯାଉଥିଲା । ଗୟଳମାନଙ୍କର ପ୍ରକୃତି ବାବଦରେ ଆଦିମ ଅଧିବାସୀମାନେ ଭଲ ଭାବେ ଅବଗତ ଥିଲେ । ନିର୍ଦ୍ଦିଷ୍ଟ ପଥ ଦେଇ ଗୟଳ ପଲକୁ ଏହି ସ୍ଥାନକୁ ତଡ଼ିଅଣାଯାଉଥିଲା । 'ହେଡ-ସ୍ମାସ୍‌ଡ-ଇନ୍ ବଫାଲୋ ଜଂପ୍'ରେ ପହଞ୍ଚିବା ପରେ ସେମାନଙ୍କ ପଳାୟନରର ସମସ୍ତ ବାଟ ବନ୍ଦ ହୋଇଯାଉଥିଲା । ଅଧିକାଂଶ ଦଳା-ଚକଟାରେ ମରୁଥିଲେ । ଯେଉଁତକ ବର୍ତ୍ତିଯାଉଥିଲେ, ସଙ୍ଗେସଙ୍ଗେ ମାରିଦିଆଯାଉଥିଲା । ମାଂସ, ଚର୍ମ ଓ ଶିଙ୍ଗ ପାଇଁ ହିଁ ଶିକାର କରାଯାଉଥିଲା । ପଡ଼ିରହୁଥିଲା କେବଳ କଙ୍କାଳ ।



ଗୁମ୍ଫା ଭିତରେ ସୃଷ୍ଟି ହୁଏ ମେଘ !

କୁହାଯାଏ ପ୍ରତି ବର୍ଷ ମାଉଣ୍ଟ ଏଭରେଷ୍ଟ ଅଭିଯାନରେ ଯେତେଜଣ ସାମିଲ ହୁଅନ୍ତି ତା'ଠାରୁ କମ୍ ଲୋକଙ୍କର ପାଦ ପଡ଼ିଥାଏ ଏହି ଗୁମ୍ଫାରେ । କାରଣ ଏଭରେଷ୍ଟଠାରୁ ଆହୁରି ଦୁର୍ଗମ ଏହି ଗୁମ୍ଫା । ଭିଏତନାମ ଓ ଲାଓସ ସୀମାନ୍ତରେ ଅବସ୍ଥିତ ଏହି ଗୁମ୍ଫାର ନାଁ ହାଂ ସଂ ଡୁଂ ବା ଡୁଂ ଗୁମ୍ଫା ହେଉଛି ପୃଥିବୀର ସର୍ବବୃହତ ଗୁମ୍ଫା । ଭିଏତନାମର କୋୟାଂ ବିନ ପ୍ରଦେଶରେ ହୋଡ ହା କେ ବାଂ ଜାତୀୟ ଉଦ୍ୟାନରେ ଏହି ଚୁନପଥର ବା ଲାଇମଷ୍ଟୋନର ଗୁମ୍ଫାର ବୟସ ୨୦ରୁ ୫୦ ଲକ୍ଷ ବର୍ଷ । ଦୀର୍ଘଦିନ ଧରି ଲୋକଲୋଚନର ଆଢୁଆଳରେ ଥିବା ଏହି ଗୁମ୍ଫାକୁ ୧୯୯୧ ମସିହାରେ ଆବିଷ୍କାର କରିଥିଲେ ଜଣେ ସ୍ଥାନୀୟ କୃଷକ । ହୋ ହାନ ନାମକ ସେହି କୃଷକ ଦୁଷ୍ପ୍ରାପ୍ୟ ଜଡ଼ିବୁଟି ସନ୍ଧାନରେ ଗଭୀରର ଜଙ୍ଗଲ ମଧ୍ୟରେ ବୁଲୁଥିଲେ । ଅଚାନକ ବୃଷ୍ଟି ଆରମ୍ଭ ହୋଇଯିବାରୁ ଆଶ୍ରୟ ସନ୍ଧାନ କଲା ବେଳେ ଦେଖିବାକୁ ପାଇଥିଲେ ଏହି ଗୁମ୍ଫା । ଗୁମ୍ଫା ଭିତରୁ ଜଳ ପ୍ରବାହିତ ହେଉଥିବାର ଶବ୍ଦ ବାରି ସେ ଆଗେଇ ଯାଇଥିଲେ । ଗୁମ୍ଫା ଭିତରେ ପ୍ରବେଶ କରି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାରଣ ସେତେବେଳେ ଗୁମ୍ଫା ଭିତରେ ମେଘ ଜମିଥିଲା । ଗୁମ୍ଫା ଭିତର ଥିଲା ଅତି ଦୁର୍ଗମ । ଏହାର ୧୮ ବର୍ଷ ପରେ ପୁଣିଥରେ ଶିକାର କରିବାକୁ ଯାଇ ସେ ଏହି ଗୁମ୍ଫାର ସନ୍ଧାନ ପାଇଥିଲେ । ଏହି ବ୍ୟକ୍ତିତ୍ୱ ଜରିଆରେ ହିଁ ସାରା ବିଶ୍ୱବାସୀ ଜାଣିବାକୁ ପାଇଥିଲେ ଦୁନିଆର ଏହି ସର୍ବବୃହତ ଗୁମ୍ଫା ବିଷୟରେ । ବ୍ରିଟିଶ୍ ଗୁମ୍ଫା ରିସର୍ଚ୍ଚ ଅଭିଯାତ୍ରୀମାନେ ଭିଏତନାମର ଏହି ଗୁମ୍ଫାରେର ୨୦୦୯ ମସିହାରେ ଅନୁସନ୍ଧାନ ଚଳାଇଥିଲେ । ସେମାନେ ଗୁମ୍ଫା ଭିତରେ ଏକ ବିଶାଳ ଲାଇମଷ୍ଟୋନର ପ୍ରସ୍ତର ଖଣ୍ଡ ଆବିଷ୍କାର କରିଥିଲେ । ଏହାର ନାମକରଣ କରାଯାଇଥିଲା ଗ୍ରେଟ ୱାଲ ଅଫ୍ ଭିଏତନାମ । ଏହି ଗୁମ୍ଫା ପ୍ରାୟ ୬୬୦ ଫୁଟ୍ ଉଚ୍ଚ । ଚଉଡ଼ା ପ୍ରାୟ ୪୯୦ ଫୁଟ । ୯ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ଗୁମ୍ଫାଟିର ଛାତରେ ଦୁଇଟି ବିଶାଳ ଗହ୍ୱର ଅଛି ଯାହା ମଧ୍ୟ ଦେଇ ଗୁମ୍ଫା ମଧ୍ୟକୁ ସୂର୍ଯ୍ୟାଲୋକ ପ୍ରବେଶ କରିଥାଏ । ଗୁମ୍ଫା ମଧ୍ୟରେ ଉଦ୍ଭିଦର ବଂଶବିସ୍ତାର ହୋଇପାରିଛି । ୨୦୧୧ ମସିହାରେ ଜଣାପଡ଼ିଲା ଏହି ଗୁମ୍ଫାଟି ଭିଏତନାମର ଆଉ ଗୋଟିଏ ଗୁମ୍ଫା ସହିତ ସଂଯୁକ୍ତ । ବାହ୍ୟ ଜଗତରୁ ବିଚ୍ଛିନ୍ନ ଏହି ଗୁମ୍ଫା ଏହି ଗୁମ୍ଫାର ନିଜସ୍ୱ ପାଣିପାଗ ଚକ୍ର ଅଛି । ଗୁମ୍ଫାର 'ଆକାଶ'ରେ ତିଆରରି ହୁଏ ମେଘ ! ନିଜ ନିୟମ ଅନୁସାରେ ଚାଲେ ଗୁମ୍ଫା ଜୀବନ । ଭିତରେ ଛୋଟ ନଦୀ ପ୍ରବାହିତ ହେଉଥିବାରୁ ଜଳୀୟ ବାଷ୍ପର ଅଭାବ ହୁଏନାହିଁ । ଫଳରେ ମେଘ ତିଆରି ହେବାର ସବୁ ଉପାଦାନ ମହଜୁଦ ଥାଏ ଏହି ଗୁମ୍ଫାରେ । ଏହା ମଧ୍ୟକୁ ସୀମିତ ସଂଖ୍ୟକ ପର୍ଯ୍ୟଟକ ଯିବାର ଅନୁମତି ଅଛି । ପରିବେଶବିଦ୍‌ମାନେ କୁହନ୍ତି ଏହି ଗୁମ୍ଫାକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରାଯିବା ପରଠାରୁ ପ୍ରକୃତିର ଏହି ଅମୂଲ୍ୟ ସଂପଦ ଉପରେ ବିପଦର ବାଦଲ ଘନେଇ ଆସିଛି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୧ ଅଗଷ୍ଟ ୨୦୨୦, ଶୁକ୍ରବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବର୍ଷା ତାଣ୍ଡବ...

ସମ୍ପ୍ରତି ଆମ ଦେଶ ଅତ୍ୟନ୍ତ ବିଷମ ସ୍ଥିତି ଭିତର ଦେଇ ଗତି କରୁଛି । ୨୦୨୦ ପ୍ରାରମ୍ଭରୁ ହିଁ ବିପ୍ଳାତର ପର୍ବ ଆରମ୍ଭ ହୋଇଯାଇଛି । କେଉଁଠି ବନ୍ୟା ତ' ଆଉ କେଉଁଠି ବର୍ଷ ବିପ୍ଳାତ । ମାର୍ଚ୍ଚ ମଧ୍ୟଭାଗରୁ କରୋନା ସଂକ୍ରମଣ ଅନ୍ୟ ଦେଶରୁ ଏମିତି ଜୋର୍‌ରେ ଆସି ଭାରତରେ ଆସ୍ଥାନ ଜମେଇ ରହିଲା ଯେ, ଏଯାଏଁ ଛାଡ଼ିଯିବାର ନାଁ ଧରୁନାହିଁ । ଦକ୍ଷିଣରେ କେରଳର ଭୂସ୍ଖଳନ ହେଉ, ଉତ୍ତର-ପୂର୍ବରେ ଆସାମ ହେଉ କି' ବିହାରରେ ହେଉ, ମାସାଧିକ କାଳ ଯେମିତି ଲକ୍ଷ ଲକ୍ଷ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି । ଗଙ୍ଗା, ବ୍ରହ୍ମପୁତ୍ର ଭଳି ବଡ଼ ନଦୀରେ ପ୍ରବଳ ବନ୍ୟା ଆସିଥିବାରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ-ଜୀବିକା ବିପନ୍ନ ହୋଇପଡ଼ିଛି । ହଜାର ହଜାର ଏକର ଜମି ବୁଡ଼ି ରହିଛି । ଘରବାଡ଼ି ଭୁଶୁଡ଼ି ଯାଇଛି ଏବଂ ଲୋକମାନେ ଅତ୍ୟନ୍ତ ବିପଦସଂକୁଳ ସ୍ଥିତିରେ ରହିଛନ୍ତି । ଲୋକମାନଙ୍କ ପାଖରେ ନା' ଅଛି ବଂଚିବାର ରାହା, ନା' ଅଛି କିଛି ସାହା ଭରସା । ମୁଣ୍ଡ ଉପରକୁ ଚାଳ ନାହିଁ, ଖାଇବାକୁ ପଡ଼ିଛି ହା' ଅନ୍ନ ଚିତ୍କାର । ଗୁଜରାଟ ଓ ଅନ୍ୟ ରାଜ୍ୟଗୁଡ଼ିକରେ ବନ୍ୟା ବିପ୍ଳାତ ଯୋଗୁଁ ନାହିଁନଥିବା ଅବସ୍ଥା ସୃଷ୍ଟି ହୋଇଛି । ସରକାରୀ ସହାୟତା ସବୁ କ୍ଷେତ୍ରରେ ସମୁଦ୍ରକୁ ଶଙ୍କେ ହେଉଛି । ଆମ ରାଜ୍ୟରେ ଅବିଶ୍ରାନ୍ତ ବର୍ଷା କାରଣରୁ ମାଲକାନଗିରି ସମେତ ଅବିଭକ୍ତ କୋରାପୁଟ, ବଲାଙ୍ଗିର ଓ ସମ୍ବଲପୁରରେ ଅଭୂତପୂର୍ବ ସ୍ଥିତି ଉପୁଜିଛି । ରାଜ୍ୟର ଦଶଟି ଜିଲ୍ଲାରେ ବର୍ଷାଜନିତ କ୍ଷୟକ୍ଷତି କାରଣରୁ ନାହିଁନଥିବା ଅବସ୍ଥା ଦେଖାଦେଇଛି । ଥରକୁ ଥର ଲଘୁଚାପଜନିତ ପ୍ରବଳ ବର୍ଷା ଲୋକମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । କଥାରେ ଅଛି; ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ । ବର୍ଷା ଅଭାବରୁ ହଜାର ହଜାର ଏକର ଜମିରେ ଲୋକେ ରୁଆ-ବେଉଷଣ କରିପାରିନଥିଲେ । କିଛି ପରେ ହଠାତ୍ ଲଘୁଚାପଜନିତ ବର୍ଷା ପାଇଁ ଚାଷୀ ଯେଉଁ ତଳି ରୋଇଥିଲା, ସେତକ ସମୂଳେ ଧୋଇଗଲା । ଗଜା ମରୁଡ଼ିର ଭୟକୁ ବର୍ଷା ଧୋଇନେଇ ବିପତ୍ତିକୁ ବହୁଗୁଣା ବଢ଼ାଇଦେଲା । ଏହା ବୋଝ ଉପରେ ନଳିତା ବିଡ଼ା ଭଳି ହେଲା । କିଛିଦିନ ଭିତରେ ଦୁଇ ଦୁଇଥର ଲଘୁଚାପ ଆସିବା କାରଣରୁ ପ୍ରଶାସନ ମଧ୍ୟ ଠିକଣା ସମୟରେ ଉଦ୍ଧାର କିମ୍ବା ରିଲିଫ୍ କାର୍ଯ୍ୟ ପାଇଁ ଅପ୍ରସ୍ତୁତ ହୋଇପଡ଼ିଛି । ମାଲକାନଗିରି ଜିଲ୍ଲାରେ ବନ୍ୟା ବିପ୍ଳାତ ଏତେ ବେଶୀ ହୋଇନଥାନ୍ତା, ଯଦି ଗୋଦାବରୀ ନଦୀର ପଛୁଆ ବଢ଼ିପାଣି ଆସିନଥାନ୍ତା । ଶିଲେରୁ ଓ ସାବେରୀ ନଦୀରେ ପ୍ରବଳ ବନ୍ୟା ଆସିବା ଫଳରେ ଜିଲ୍ଲାବାସୀ କିଭଳି ସମସ୍ୟାରେ ପଡ଼ିଛନ୍ତି, ତାହା ସମସ୍ତେ ଦେଖୁଛନ୍ତି । । ଏହି ଜିଲ୍ଲାରେ ଏମିତିରେ ବହୁ ସ୍ଥାନରେ ସଡ଼କ ଯୋଗାଯୋଗ ସମସ୍ୟା ରହିଛି । ବନ୍ୟାଜଳ ପ୍ରବାହ ପାଇ ଲୋକମାନେ ଯାତାୟତରେ ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ଉତ୍ତର ଓଡ଼ିଶା ଅବସ୍ଥା ମଧ୍ୟ ବିଗିଡ଼ି କରି ରହିଛି । ଛୋଟ ଛୋଟ ନଦୀ କଥା ଛାଡ଼, ବଡ଼ ନଦୀରେ ବନ୍ୟାଜଳ ପ୍ରବାହ ବାଲେଶ୍ୱର ସମେତ ଆଖପାଖ ଅଞ୍ଚଳର ଅବସ୍ଥା ବିଗାଡ଼ି ଦେଇଛି । ମୁଖ୍ୟ ଶାସନ ସଚିବ ବର୍ଷା ଓ ବନ୍ୟାକ୍ଲିଷ୍ଟ ଦଶଟି ଜିଲ୍ଲାର ପ୍ରଶାସକମାନଙ୍କ ସହ କଥା ହୋଇଛନ୍ତି । ବର୍ଷାଜନିତ କ୍ଷୟକ୍ଷତି ନେଇ ସେମାନଙ୍କଠାରୁ ସରଜମିନ ରିପୋର୍ଟ ମଗାଯାଇଛି । ଆସନ୍ନ ଲଘୁଚାପଜନିତ ସ୍ଥିତିର ମୁକାବିଲା ସକାଶେ ପ୍ରଶାସନକୁ ସଜାଗ ରଖାଯାଇଥିବାର କୁହାଯାଇଛି । ଏମିତିରେ, ଯଥାସମୟରେ ବର୍ଷା ଆସିନଥିଲା । ତାହା ତଳିମରୁଡ଼ିର କାରଣ ହୋଇଥିବାବେଳେ ବର୍ଷା ବିପ୍ଳାତ ହେତୁ ବିଷମ ପରିସ୍ଥିତିକୁ ଡାକିଆଣିଛି । କରୋନା ସହ ଆମ ରାଜ୍ୟ ଓ ଦେଶ ଲଢୁଥିବା ସମୟରେ ବର୍ଷା ଓ ବନ୍ୟା ହେତୁ ଶାସନକଳ ଯେତେ ପ୍ରସ୍ତୁତ ଥିବାର କହୁଥିବା ଭିତରେ ବାସ୍ତବ ବିପନ୍ନଙ୍କ ଦୁଃଖ ଦୂର କରାଯିବା ଏମିତିରେ ଏତେ ସଜହ ବୋଲି କେହି ବିଚାରିବା ଠିକ୍ ହେବନି । ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପତ୍ତିପ୍ରବଣ ଦେଶ ଓ ରାଜ୍ୟ ଯାଁଳା ବିପତ୍ତିର ମୁକାବିଲା ପାଇଁ କେତେ ପ୍ରସ୍ତୁତ, ତାହା ବିଚାରିବାର କଥା । ଉଭୟ କରୋନା ଓ ବର୍ଷା ତଥା ବର୍ଷା ବିପ୍ଳାତ ସମସ୍ତଙ୍କ ପାଇଁ ଆଣିଥିବା ଆହ୍ୱାନର ମୁକାବିଲା ସହଜ ବ୍ୟାପାର ନୁହେଁ । ତାହା ସତ୍ତ୍ୱେ ଯାହା ଭବିତବ୍ୟ ତାହାର ସମ୍ମୁଖୀନ ହେବା ପ୍ରଶାସନ ଓ ଜନତାଙ୍କର ଅନିବାର୍ଯ୍ୟ ଦାୟିତ୍ୱରେ ଯାଉଛି ।

ତୁମେ ଗଲା ପରେ....

ରଶ୍ମି ସାମଲ

ତୁମେ ଏତେ ଭଲ ବୋଲି
କାହାକୁ କହିନି
କାଳେ ଆଉ କିଏ ଭଲ ପାଇବ
କାହାର ନିଦ କାହିଁ ହଜିବ
ପୁଣି ସେ ମୋ ପରି
ରାତି ରାତି କାନ୍ଦିବ ।

କଥା ଥିଲା ଆମେ କେବେ
ଯିବାନି ଦୂରେଇ
ବଂଚିବା ମରିବା ଆମେ
ଦୁହେଁ ସାଙ୍ଗ ହୋଇ ।

ଯେବେ ଆସିଥିଲ ଜୀବନକୁ ମୋର
ତୁମ ପାଇଁ ସବୁ କିଛି କରିଥିଲି ଦୂର
ଏବେ କେମିତି ଯେ ହେଲ
ମୋର ସାତପର ।

ଜୀବନ ମୋ ମରୁଭୂମି
ରଙ୍ଗ ହୀନ ଫଗୁଣ
ଭରୀଦେଲ ପୁଣି ତୁମେ
ଲୁହ ଭିଜା ଶ୍ରାବଣ ।

ତୁମେ ଗଲା ପରେ
ପ୍ରେମର ସନ୍ଧ୍ୟାତାରା
ମୋ ଜୀବନ ମରୁରେ ଯେବେ ଆସିଲା ଧାଇଁ
ତା ସାଥିରେ ଥିଲା କଳା ମେଘର ଛାଇ ।

ତୁମ ପ୍ରେମରେ ଦିନେ ହେଉଥିଲି
ଜର୍ଜରିତ
ଆଜି ତୁମ ପ୍ରତାରଣାରେ ହୁଏ
ଦଗ୍ଧୀଭୂତ ।

ଡେଲ୍‌ଟା କୋଲନୀ, ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

ଝିଅକୁ ମିଳିବ ପୈତୃକ ସମ୍ପତ୍ତିର ହକ୍

ଗୋପାଳ ମହାପାତ୍ର

ହିନ୍ଦୁ ଉତ୍ତରାଧିକାର ଆଇନ୍ ୧୯୫୬ର ଧାରା ୬କୁ ୨୦୦୫ ମସିହାରେ ସଂଶୋଧନ କରାଯାଇଥିଲା ଓ ସଂସଦରେ ଯୌଥ ହିନ୍ଦୁ ପରିବାର ର ପୈତୃକ ସମ୍ପତ୍ତିରେ କନ୍ୟା ବା ଝିଅମାନଙ୍କ ଅଧିକାରକୁ ସାବ୍ୟସ୍ତ କରାଯାଇଥିଲା। ଅର୍ଥାତ୍ ପୈତୃକ ସମ୍ପତ୍ତିରେ ପୁଅ-ଝିଅ ସମସ୍ତଙ୍କର ସମାନ ଅଧିକାର ରହିବ। କିନ୍ତୁ ୨୦୦୫ ର ଆଇନ୍ ସଂପର୍କରେ ସ୍ପଷ୍ଟ ବାଖ୍ୟା କରାଯାଇନଥିଲା। ନିକଟରେ ଦେଶର ସର୍ବୋଚ୍ଚ ଅଦାଲତ ଏ ସମ୍ପର୍କୀତ ଏକ ମାମଲାର ଶୁଣାଣୀ କରି ଯେଉଁ ରାୟ ଶୁଣାଇଛନ୍ତି ତାହା ଐତିହାସିକ ନିଶ୍ଚୟ। ଅଗଷ୍ଟ ୧୧ ତାରିଖରେ ମାନ୍ୟବର ଅଦାଲତ ୨୦୦୫ ହିନ୍ଦୁ ଉତ୍ତରାଧିକାର ଅଧିନିୟମରେ ଯେଉଁ ସଂଶୋଧନ କରାଯାଇଥିଲା ତାର ସ୍ପଷ୍ଟ ବ୍ୟାଖ୍ୟା କରିଛନ୍ତି। ବିଚାରପତି ଅରୁଣ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ଆଇନ୍‌ର ବ୍ୟାଖ୍ୟା କରି କହିଛନ୍ତି ଯେ ଝିଅମାନଙ୍କୁ ପୁଅମାନଙ୍କ ଭଳି ପୈତୃକ ସମ୍ପତ୍ତିରୁ ହକ୍ ମିଳିବ। ଅଦାଲତ କହିଛନ୍ତି ଯେ 'ପୁଅ ବିବାହ ପର୍ଯ୍ୟନ୍ତ ବାପା ମା'ଙ୍କର ପୁଅ ହୋଇ ରହିଥାଏ କିନ୍ତୁ ଝିଅ ସାରା ଜୀବନ ଝିଅ ହୋଇ ରହେ'। ଅଦାଲତଙ୍କ ଏହି ମନ୍ତବ୍ୟର ମର୍ମ ମଧ୍ୟ ଅଧିକ। ହିନ୍ଦୁ ଉତ୍ତରାଧିକାର ସଂଶୋଧନ ଅଧିନିୟମ ୨୦୦୫ର ଧାରା ୬ରେ ସ୍ପଷ୍ଟ କୁହାଯାଇଛି ଯେ ଝିଅ ଜନ୍ମ ହେବା ପରଠାରୁ ଉତ୍ତରାଧିକାରୀ ହୋଇଥାଏ ଏବଂ ଆଜିବନ ମଧ୍ୟ ଉତ୍ତରାଧିକାରୀ ହୋଇରହିବ। ସଂଶୋଧିତ ଆଇନ୍ ଲାଗୁ ହେବା ପୂର୍ବରୁ ଝିଅର ଜନ୍ମ ହୋଇଥାଉ ବା ପରେ ଜନ୍ମ ହେଉ ୨୦୦୫ର ଆଇନ ତା ପାଇଁ ଲାଗୁହେବ। ଏପରିକି ୨୦୦୫ର ଆଇନ୍ ପୂର୍ବରୁ ପିତାଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ ସମ୍ପତ୍ତିରେ ଝିଅର ହକ୍ ରହିବ। ୨୦୦୫ ମସିହା ସେପ୍ଟେମ୍ବର ୯ତାରିଖର ସଂଶୋଧନରେ ପିତାଙ୍କ ସମ୍ପତ୍ତିରେ ପୁଅ-ଝିଅ ଉଭୟର ହକ୍ ରହିବ ବୋଲି କୁହାଯାଇଥିଲା। କିନ୍ତୁ ସେଥିରେ ସ୍ପଷ୍ଟ ଭାବେ କୁହାଯାଇନଥିଲା ଯେ ଯଦି ପିତାଙ୍କ ମୃତ୍ୟୁ ୨୦୦୫ ପୂର୍ବରୁ ହୋଇଥିବ ତେବେ ଏହି ଆଇନ୍ ସେ କ୍ଷେତ୍ରରେ ଲାଗୁ ହୋଇପାରିବ କି ନାହିଁ। ଅଧିନିୟମ ଅଣାଯିବା ଏବଂ ଏଥିରେ ସଂଶୋଧନ କରାଯିବା ଐତିହାସିକ ନିଶ୍ଚୟ। କାରଣ ଏହା ପୁଅ ଓ ଝିଅଙ୍କୁ ସମାନ ଅଧିକାର ଦେଇପାରିଛି। ଭାରତୀୟ ଜନ ଜୀବନରେ ନାରୀକୁ ସର୍ବଦା ଉଚ୍ଚ ସ୍ଥାନରେ ରଖାଯାଇଛି। ଏଇଥି ପାଇଁ ସଂସ୍କୃତରେ କୁହାଯାଇଛି - 'ଯତ୍ର ନାର୍ଯ୍ୟେସ୍ତୁ ପୂଜ୍ୟନ୍ତେ ରମ୍ୟତେ ତତ୍ର ଦେବତାନ୍ତ। ଅର୍ଥାତ୍ ନାରୀମାନଙ୍କୁ ଯେଉଁଠାରେ ପୂଜା କରାଯାଏ ବା ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଏ ସେଠାରେ ଦେବତାମାନେ ବସବାସ କରିଥାନ୍ତି। କିନ୍ତୁ ପରିସ୍ଥିତିର ପରିବର୍ତ୍ତନ କ୍ରମେ ଏହି କଥା କେବଳ କଥାରେ ରହିଯାଇଥିଲା। ନାରୀମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ରହିବା ସହ ସେମାନଙ୍କ ଅବସ୍ଥା ଦୟନୀୟ ହେବାରେ ଲାଗିଲା। କେବଳ ଘର-ପରିବାର ପ୍ରତି ସେମାନଙ୍କର କର୍ତ୍ତବ୍ୟ ନିର୍ବାହ ସୋମାନଙ୍କର ଜୀବନର ନିୟତି ପାଲଟି ଗଲା। ସମାଜରେ କନ୍ୟା ସନ୍ତାନକୁ 'ପର ଘରର ଧନ' ବା ପରଧନ ବୋଲି କୁହାଯାଇଥାଏ। ଏହି ଭାବନା ଆଜି ବି ଆମ ସମାଜରେ ରହିଛି। କନ୍ୟା ସନ୍ତାନ ବା ଝିଅମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସମ୍ମାନ, ସୁରକ୍ଷା ଆଦି ମହତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଏବେ ବି ଉପେକ୍ଷିତ। ଏବେବି ମୂଳଭୂତ ଆବଶ୍ୟକତା ପାଇଁ ସେମାନଙ୍କୁ ସଂଘର୍ଷ କରିବାକୁ ପଡୁଛି। ମହିଳା କମିଶନ ଏବଂ ଅନେକଗୁଡ଼ିଏ ନ୍ୟାୟିକ ପ୍ରାବଧାନ ଥିବା ସତ୍ତ୍ୱେ ଏମାନେ ଏମାନଙ୍କ ଅଧିକାର ପାଉନାହାଁନ୍ତି। ଏକଥା ସବୁ ସମାଜର ରୁଗ୍‌ଣ ମାନସିକତା ବୋଲି କୁହାଯାଇପାରେ। ବାଲ୍ୟବିବାହ, ବିଧବା ବିବାହ, ବୈବାହିକ ଜୀବନରେ ହିଂସା, ଘରୋଇ ହିଂସା, ତଲାକ୍, ଯୌତୁକ ପ୍ରଥା ଆଦି ଅନେକ କାରଣ ପାଇଁ କନ୍ୟା ସନ୍ତାନ ବା ମାତୃ ଶକ୍ତିକୁ ଅନେକ ସମୟରେ ଅପମାନ ଜନକ ପରିସ୍ଥିତିର ସାମନା କରିବାକୁ ପଡ଼ିଥାଏ। ଜାତି, ଧର୍ମ ଏବଂ ପରମ୍ପରାର ଦ୍ୱାହି ଦେଇ ତଥ୍ୟ ହୀନ ସୂଚନାକୁ ଗୁରୁତ୍ୱ ଦିଆଯାଇ ନାରୀକୁ ଶୋଷଣ କରାଯାଇଥାଏ। ଆଜିବି ଦେଶର ଅନେକ ଅଞ୍ଚଳରେ କନ୍ୟା ସନ୍ତାନ ବା ସ୍ତ୍ରୀର ଜୀବନ ଗୃରିକାନ୍ଥ ଭିତରେ ସୀମିତ ରହିଛି। ପରିବାରର ନିର୍ଣ୍ଣୟ ହେଉ ଅଥବା ନିର୍ଣ୍ଣାୟକ ଭୂମିକାରେ ନାରୀକୁ ରଖାଯାଉନାହିଁ। ଏବେ ସମୟ ବଦଳିଛି। ଝିଅମାନେ ପୁଅମାନଙ୍କ ଅପେକ୍ଷା ସବୁ କ୍ଷେତ୍ରରେ ଆଗୁଆ ହେବାରେ ଲାଗିଲେଣି। ତଥାପି ଆମ ସମାଜ ତାଙ୍କୁ ନାରୀ ଦୁର୍ବଳାର ଆଖ୍ୟା ଦେଇଗ୍ରଲିଛି। ଜୀବନ ଯାପନ କ୍ଷେତ୍ର ହେଉ ଅଥବା ରୋଜଗାର କ୍ଷେତ୍ର ସବୁଠି ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖାଯାଉଛି ଓ ସେମାନଙ୍କୁ ଉପେକ୍ଷା ସହିବାକୁ ପଡୁଛି। ଶ୍ରମ କ୍ଷେତ୍ରରେ ସମାନ କାମ କରି ମଧ୍ୟ ପୁରୁଷଙ୍କ ଅପେକ୍ଷା ମଜୁରୀ କମ୍ ମିଳୁଛି। ସେମାନଙ୍କ ଜ୍ଞାନ ଗାରିମାକୁ ଗୁରୁତ୍ୱ ଦିଆଯାଉନାହିଁ। ସବୁଠୁ ବଡ଼ କଥା ହେଉଛି ଘରୋଇ ହିଂସା ଏବଂ ବୈବାହିକ ଜୀବନରେ ହିଂସା ଘଟଣା ସମାଜରେ ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳର ପରିବେଶ, ଜାତି ଏବଂ ସାମ୍ପ୍ରଦାୟିକ ଦୃଷ୍ଟିରୁ ବିଚାର କରାଗଲେ ଏମାନେ ଏବେ ବି ପୁରୁଷ ପ୍ରଧାନ ସମାଜର ଅଧିନସ୍ଥ ହୋଇରହିଛନ୍ତି। ଯୌତୁକ ନିର୍ଯ୍ୟାତନା, ଯୌତୁକ ଜନିତ ହତ୍ୟା, ଶୋଷଣ ଏବଂ ଦୁଷ୍କର୍ମ ଭଳି ଘଟଣାମାନ ଘଟିଗ୍ରଲିଛି। କିନ୍ତୁ କେହି ସେମାନଙ୍କ ଦୁଃଖ ଯନ୍ତ୍ରଣା କଥା ବୁଝିବାକୁ ନାରାଜ। ଶାସନ-ପ୍ରଶାସନ ଏବଂ ସମାଜ କେଉଁଠି? ନୈତିକତା କାହିଁ? କନ୍ୟା ଭ୍ରୁଣ ହତ୍ୟା ଭଳି ଏକ ବିକୃତ ମାନସିକତା ସମାଜକୁ ଗ୍ରାସ କରିଛି। ଏଇଥିପାଇଁ ମୋଦି ସରକାର 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନ ଦେଇଛନ୍ତି ଏବଂ ଏହାର ସୁଫଳ ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ପ୍ରଶ୍ନ ଉଠୁଛି କ'ଣ ଆଜି ବି କନ୍ୟା ସନ୍ତାନମାନଙ୍କୁ ସବୁ ସ୍ତରରେ ସୁବିଧା ସୁଯୋଗ ମିଳୁଛି? ଏବେ ଏମିତି ଏକ ସମୟ ଉପୁଜିଛି ଯେଉଁ ସମୟରେ କନ୍ୟା ସନ୍ତାନ (ନାରୀ) ସୁରକ୍ଷିତ ନୁହଁନ୍ତି। କନ୍ୟା ସନ୍ତାନମାନେ ସେମାନଙ୍କ ପୈତୃକ ସମ୍ପତ୍ତି ବାବଦରେ ମଧ୍ୟ ଅନଭିଜ୍ଞ। ପୈତୃକ ସମ୍ପତ୍ତିରେ ସେମାନଙ୍କ ହକ୍ ଅଛି ବୋଲି କହିଲେ ଅନେକ ସମାଲୋଚନାର ଶୀକାର ହେବାକୁ ପଡୁଛି।

ମାନ୍ୟବର ଅଦାଲତ କହିଛନ୍ତି ଯେ ଝିଅ (କନ୍ୟା)ମାନଙ୍କୁ ସେମାନଙ୍କର ସମାନ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ। ୧୨୧ପୃଷ୍ଠାର ରାୟରେ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି ଯେ ପୁଅ ଓ ଝିଅ ସମାନ। ଉଲ୍ଲେଖ ଯୋଗ୍ୟ ଯେ ପୈତୃକ ସମ୍ପତ୍ତିର ବିଭାଜନ କୁ ନେଇ ଅନେକ ମାମଲା ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତମାନଙ୍କରେ ଲମ୍ବିତ ହୋଇପଡ଼ିରହିଛି। ଏସବୁ ମାମଲାଗୁଡ଼ିକର ସମାଧାନ ୬ମାସ ମଧ୍ୟରେ କରିବାକୁ ମାନ୍ୟବର ସର୍ବୋଚ୍ଚ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସଂସଦ ଆଇନ୍ ପ୍ରଣୟନ କରିଦେଲା ଓ ମାନ୍ୟବର ସର୍ବୋଚ୍ଚ ଅଦାଲତ ଏହାର ବ୍ୟାଖ୍ୟା କରିଦେଲେ କିନ୍ତୁ ଏହାର ସଠିକ୍ କାର୍ଯ୍ୟକାରୀତାକୁ ନେଇ ଅନେକ ପ୍ରତିବନ୍ଧକ ରହିଛି। ପ୍ରଶ୍ନ ଉଠୁଛି ଯେ ସର୍ବୋଚ୍ଚ ଅଦାଲତକୁ ୨୦୦୫ର ଆଇନ୍‌ରେ ସଂଶୋଧନ ର ବ୍ୟାଖ୍ୟା କରିବାକୁ ପଡ଼ିଲା କାହିଁକି? ବାସ୍ତବରେ ଅଦାଲତଙ୍କୁ ଦୁଇଟି ବିରୋଧାଭାଷି ରାୟରୁ ସୃଷ୍ଟି ହୋଇଥିବା ସଂଶୟକୁ ଦୂର କରିବା ପାଇଁ ଏହି ବ୍ୟାଖ୍ୟା କରିବାକୁ ପଡ଼ିଲା। ୩ଜଣିଆ ଖଣ୍ଡପୀଠଙ୍କ ରାୟ ଅନୁସାରେ ଏବେ ପୈତୃକ ସମ୍ପତ୍ତିରୁ ଝିଅମାନେ ଭାଗ ପାଇବେ। ପ୍ରକୃତ ପକ୍ଷେ ହିନ୍ଦୁ ସଂପ୍ରଦାୟରେ ପୈତୃକ ସମ୍ପତ୍ତିର ମାମଲା ବହୁତ ଜଟିଳ। ଝିଅମାନଙ୍କୁ ଏଇଥିପାଇଁ ପିତାଙ୍କ ସମ୍ପତ୍ତିର ଅଧିକାର ଦିଆଯାଉନଥିଲା ଯେହେତୁ ସାମାଜିକ ବ୍ୟବସ୍ଥା ଅନୁସାରେ ଝିଅର ହକ୍ ତାର ବିବାହ ପରେ ଯୌତୁକ ଭାବରେ ଦିଆଯାଉଥିଲା ବୋଲି କୁହାଯାଉଥିଲା। ସମାଜରେ ଏକଥା ମଧ୍ୟ କୁହାଯାଇଛି ଯେ ବିବାହ ପରେ ଝିଅ ପରଗୋତ୍ରୀ। ଏଣୁ ପିତାଙ୍କ ସମ୍ପତ୍ତିରେ ତାର ଅଧିକାର ରହୁନଥିଲା। ବିବାହ ପରେ ପିତାଙ୍କ ପରିବାର ସହ ସମ୍ପର୍କ କଟି ଯାଉଥିଲା। କେବଳ ରହୁଥିଲା ଭାବନାତ୍ମକ ସମ୍ପର୍କ। ଏବେ ଅଦାଲତଙ୍କ ନିଷ୍ପତ୍ତି ପରେ ଝିଅମାନେ ହକ୍ ପାଇବେ କିନ୍ତୁ ବ୍ୟବହାରିକ ସ୍ତରରେ ଏବେବି ପୁରୁଣା ସ୍ଥିତି ରହିଛି ଓ ପିତାଙ୍କ ସମ୍ପତ୍ତିରେ ପୁତ୍ର ଅଧିକାର ସାବ୍ୟସ୍ତ କରିଆସିଛି। ଏଇ ପୁରା ପ୍ରକରଣକୁ ସାମାଜିକ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପିତାଙ୍କ ପରିବାରର ସମସ୍ତ ଦାୟୀତ୍ୱ ପୁତ୍ର ହିଁ ନିର୍ବାହ କରିଥାଏ ଏପରିକି ପିଣ୍ଡଦାନ ପର୍ଯ୍ୟନ୍ତ। ଏଥିରେ ଝିଅମାନଙ୍କର କୌଣସି ଭୂମିକା ନାହିଁ। ଏଭଳି ଅବସ୍ଥାରେ ଝିଅର ହକ୍ କଥାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ନିଶ୍ଚୟ। ଯେପର୍ଯ୍ୟନ୍ତ ଏହାର ସାମାଜିକ ସମାଧାନ ନହୋଇପାରିଛି ସେ ପର୍ଯ୍ୟନ୍ତ ଏହି ଆଇନ୍ ଠାରୁ ଅଧିକ ଆଶା କରାଯାଇପାରିବ ନାହିଁ। ଏବେ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ପୈତୃକ ସମ୍ପତ୍ତିରେ ସେମାନଙ୍କ ହକ୍‌କୁ ସମାଜ ଗ୍ରହଣ କରିବା ସହିତ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। କନ୍ୟା ସନ୍ତାନ ବା ନାରୀକୁ ଜନସଂଖ୍ୟାର ଅଧା ବୋଲି କୁହାଯାଇପାରିବ ନାହିଁ କାରଣ ସେମାନେ ହିଁ ଜନସଂଖ୍ୟାର ସ୍ରଷ୍ଟା। ସେମାନେ ହିଁ ସମାଜରେ ସନ୍ତୁଳନର ରକ୍ଷାକାରୀ। ମାନ୍ୟବର ଅଦାଲତ ଅନେକ ବିଷୟକୁ ସ୍ୱତଃ ସାନକୁ ନେଇ ଏହି ରାୟ ଶୁଣାଇଛନ୍ତି। ଏହାକୁ ସ୍ୱାଗତ୍ କରାଯିବା ଆବଶ୍ୟକ।

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ବନୀକରଣରେ ବିହନ ବୋମା

ନଳିନୀ କୁମାର ପଣ୍ଡା

ଆଜି ଆମେ ଏକ ଏମିତି ସମୟ ଦେଇ ଗତି କରୁଛୁ, ଯେଉଁଠି ଦିନକୁଦିନ ଗଛ ଗୁଡ଼ିକ ବିପଦଗ୍ରସ୍ତ ହେବାରେ ଲାଗିଛନ୍ତି । ଫଳରେ ପୃଥିବୀ ପୃଷ୍ଠରେ ଜଙ୍ଗଲ ସମ୍ପଦର ହ୍ରାସ ଘଟୁଛି, ଜୀବଜଗତ ତିଷ୍ଠି ରହିବା କଷ୍ଟକର ହେଇ ପଡୁଛି । ଜୈବ ବିବିଧତା ବିଗିଡ଼ିବାରେ ଲାଗିଛି ଓ ୨୦୧୫ ମସିହା ରେ ନେଚର ପତ୍ରିକାରେ ପ୍ରକାଶିତ ହୋଇଥିବା ଏକ ଅନ୍ତର୍ଜାତୀୟ ବୃକ୍ଷ ଗଣନା ତଥ୍ୟରୁ ଜଣାଯାଏ ଯେ ପ୍ରତ୍ୟେକ ବର୍ଷ ପ୍ରାୟ ୧୫ ଶହକୋଟି ଗଛ ଜଙ୍ଗଲ କ୍ଷୟ ଓ ଭୂମିରୂପ ପରିବର୍ତ୍ତନ ପାଇଁ କଟା ଯାଉଛି । ନୂତନ ସହରାଂଚଳ, ରାସ୍ତାଘାଟ, ବହୁତଳ କୋଠା, ମେଟ୍ରୋ ଷ୍ଟେସନ ଆଦି ତିଆରି କରି ବିକାଶର ଧାରାରେ ଯୋଡି ହେବା ପାଇଁ କୌଣସି ଫଳାଫଳକୁ ଖାତିର ନକରି ଅବାଧରେ ଗଛ କଟା ଚାଲିଛି । ଆନ୍ତର୍ଜାତୀୟ ବୃକ୍ଷ ଗଣନା ଦଳରେ ଥିବା ଗବେଷକ ମାନଙ୍କ ମତ ଅନୁସାରେ ଭାରତରେ ଥିବା ବ୍ୟକ୍ତି ପିଛା ଗଛ (୨୮) ଯାହାକି,

ବିନ୍ଦ୍ରା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ଶୁକ୍ରବାର, ଅଗଷ୍ଟ ୨୧, ୨୦୨୦

ମହିଳାଙ୍କ କଟିବାତ ବା ଅ[ାଧରା ରୋଗ

ଆମ ଘରେ କାମଦାମରେ ସାହାଯ୍ୟ କରୁଥିବା ଚମ୍ପାବତୀ କେଜାଣି କାହିଁକି ଆମକୁ ନଜଣାଇ ଦୁଇଚାରି ଦିନ ଆସିଲା ନାହିଁ । ଘରେ ତା' ସହ ମୁଁ କିଛି ସମୟ କାଟିଥାଏ । ଦୀର୍ଘଦିନ ଧରି ତାକୁ ନଦେଖିବାରୁ ଖବର ନେବାରୁ ଜାଣିଲି ଯେ, ତାର ଅଣ୍ଟାଧରା ସମସ୍ୟା ଜଟିଳ ହୋଇଯାଇଛି । ସପ୍ତାହ ପରେ ସେ ଆସି ତାର ଯନ୍ତ୍ରଣା ସବୁ ମୋତେ ଗପି ଚାଲିଲା । ମୁଁ ତାକୁ କହିଲି 'ମୁଁ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହେଲେ ମଧ୍ୟ ଏ ସମ୍ବନ୍ଧରେ ସବିଶେଷ ଜାଣିଛି, ତୁମେ ମୋତେ ପୂର୍ବରୁ କ'ଣ ପାଇଁ ଜଣାଇ ନଥିଲ ?' ଦେହର ଜଙ୍ଘ ଓ ଗୋଡର ପଛପଟେ ଥିବା ସାୟାଟିକ୍ ସ୍ନାୟୁ ଦୁର୍ବଳ ହୋଇ ବିନ୍ଧା ହେଲେ, କଟିବାତ ବା ଅଣ୍ଟାଧରା ରୋଗ ଆରମ୍ଭ ହୋଇଥାଏ । କଟିଦେଶରେ ଯନ୍ତ୍ରଣା ହେବା ଦ୍ୱାରା ଅଣ୍ଟାଧରା, କଟିଶୂଳ ଏବଂ କଟିବାତ ରୋଗ ସୃଷ୍ଟି ହୋଇଥାଏ । ସାଧାରଣତଃ ଏହାକୁ ଅଣ୍ଟାରେ ରକ୍ତ ପଶିବା ଏବଂ ବାୟୁ ଅଟକିବା ବୋଲି କୁହାଯାଏ । ଶାରୀରିକ ପରିଶ୍ରମ କରୁଥିବା, ଗ୍ରାମଞ୍ଚଳର ମହିଳା ଓ କର୍ମଜୀବୀ ମହିଳାମାନେ ଅଧିକାଂଶ ଏହି ଯନ୍ତ୍ରଣାର ଶିକାର ହୋଇଥାନ୍ତି ।

କାରଣ: ଅଣ୍ଟାଧରା ରୋଗ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ଓଜନିଆ ଜିନିଷ ଟେକିଲେ, ଶରୀରର ବଳଠାରୁ ଅଧିକ ପରିଶ୍ରମ କରିବା, ବହୁ ସମୟ ଧରି ଅଣ୍ଟାଭଙ୍ଗା ଚୌକିରେ ବସିବା, ଯାନବାହନରେ ଯା'ଆସ କରବା, ଅସମତଳ ରାସ୍ତାରେ ଗାଡି ଚଳାଇବା, କୂଅରୁ ପାଣି କାଢିବା ଇତ୍ୟାଦି ଅଣ୍ଟାଧରା ରୋଗର ମୁଖ୍ୟ କାରଣ । ଏହା ବ୍ୟତୀତ କୋଷ୍ଠକାଠିନ୍ୟ, ମେରୁହାଡରେ ଯକ୍ଷ୍ମାରୋଗ, ମେରୁହାଡର ସ୍ଥାନ ବିଚ୍ୟୁତ୍ ଇତ୍ୟାଦି ଏହି ରୋଗର କାରଣ । ମୋଟା ସ୍ତ୍ରୀ ଲୋକ ଏବଂ ସନ୍ତାନର ଜନନୀ ଏହି ଅଣ୍ଟାବିନ୍ଧା ରୋଗରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହା ଏକ ବାତଜନିତ ବ୍ୟାଧି । ରୋଗ ନିର୍ଣ୍ଣୟ ଏକ୍ସରେ ଦ୍ୱାରା ଏହି ରୋଗ ନିରୂପଣ କରାଯାଇଥାଏ ।

ଲକ୍ଷଣ: ଅଣ୍ଟାବିନ୍ଧା ରୋଗରେ ଯନ୍ତ୍ରଣା ବେଳେବେଳେ ମହିଳାଙ୍କ ପାଇଁ ତୀବ୍ରତର ହୋଇଥାଏ । ଫଳରେ ମହିଳା ଜଣଙ୍କ ଦୈନିନ୍ଦିନ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରେ ନାହିଁ । ରୋଗୀ ନଇଁ କରି କୌଣସି କାର୍ଯ୍ୟ କରିପାରେ ନାହିଁ । ଏପରିକି ଶୋଇବା, ନିଃଶ୍ୱାସ ମାରିବା, କଥା କହିବା, ହସିବା, କାଶିବା ଇତ୍ୟାଦିରେ ବହୁ କଷ୍ଟ ଅନୁଭବ କରିଥାଏ । ଗୋଡ ଝିମ୍ ଝିମ୍ ଲାଗିବା, ପାଦ ବଧିର ଲାଗିବା ଇତ୍ୟାଦି ଏହାର ଲକ୍ଷଣ । ସାଧାରଣତଃ ମହିଳାମାନେ ଏହି ରୋଗର ଶିକାର ହୋଇଥାନ୍ତି ।

ଚିକିତ୍ସା: ରୋଗୀ ସମ୍ପୂର୍ଣ୍ଣ ବିଶ୍ରାମ ନେବା ସହ ଅଣ୍ଟାରେ ଗରମ ପାଣି ଚିପୁଡି ସେକ ଦେବା ଆବଶ୍ୟକ । ଘର ଓଳାଇବା ଏବଂ ଘର ପୋଛିବା ବେଳେ ସାବଧାନତା ସହ କରିବେ । ଟିକିଏ ଭଲ ଲାଗିଲେ ଫିଜିଓଥେରାପି କରିବେ । ଏଥିସହିତ ପେଟେଇ କରି ଶୋଇ ଗୋଟିଏ ଗୋଡକୁ ସିଧାକରି ଉପରକୁ ଉଠାଇବେ ଏବଂ ଅନ୍ୟ ଗୋଡକୁ ସେହିପରି କରିବେ । ମୁଣ୍ଡ ଓ କାନ୍ଧକୁ ଏକାବେଳକେ ଉପରକୁ ଉଠାଇବେ ଏବଂ ତଳକୁ କରିବେ । ଚିତ୍ ହୋଇ ଶୋଇବ । ଦୁଇ ଗୋଡକୁ ଆଣ୍ଠୁ ପାଖରୁ ଭାଙ୍ଗି ଛାତିରେ ଲଗାଇବ ଏବଂ ସିଧା କରିବେ । ଏପରି ବ୍ୟାୟାମ, ପଟି ବାନ୍ଧିବା ଏବଂ ଔଷଧ ଖାଇବା ଦ୍ୱାରା ଅଣ୍ଟାବ୍ୟଥା ଭଲ ହୋଇଥାଏ । ବେଳେବେଳେ କେତେଜଣଙ୍କର ଅଣ୍ଟାରେ ଅସ୍ତ୍ରୋପଚାର ଦରକାର ହୋଇଥାଏ । ତେବେ ପ୍ରାଥମିକ ଅବସ୍ଥାରେ ମହିଳାମାନେ ଡାକ୍ତରୀ ପରାମର୍ଶ ନେଲେ ଓ ଘରେ କାର୍ଯ୍ୟ କରୁଥିବାବେଳେ ବା କାର୍ଯ୍ୟ ସମୟରେ ଏହି ସତର୍କତା ଅବଲମ୍ବନ କଲେ ସେମାନଙ୍କ ପାଇଁ ଏହା ଯନ୍ତ୍ରଣାଦାୟକ ହୋଇନଥାଏ ।

ମିଠା ଖାଇବା ମାମଲାରେ ପୁରୁଷଙ୍କଠାରୁ ଆଗରେ ମହିଳା

ଅଧିକାଂଶ ଲୋକ ଏହା ଭଲ ଭାବେ ଜାଣନ୍ତି ଯେ, ଅଧିକ ଚିନି କିମ୍ବା ମିଠା ଖାଇବା ସେମାନଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଏହାସତ୍ତ୍ୱେ ବହୁତ କମ୍ ଲୋକ ମିଠା ଠାରୁ ନିଜକୁ ଦୂରେଇ ପାରିନଥାନ୍ତି । ଗୋଟିଏ ପଟେ ଫଳ, ପନିପରିବା, ଦୁଗ୍ଧଜାତ ସାମଗ୍ରିରେ ମିଠା ଅଂଶ ରହିଥିଲେ ବେଳେ ଆମ୍ଭେମାନେ ଅନ୍ୟ ମିଠା, ମିଠା ପାନୀୟ ଆଦିର ବ୍ୟବହାର କରି ଶରୀରରେ ମିଠା ମାତ୍ରାକୁ ବଢାଇଥାଉ । କୁହାଯାଏ ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ଥିବାରୁ ମିଠା ଠାରୁ ଦୂରେଇ ରୁହନ୍ତି । ମାତ୍ର ଏକ ସର୍ଭେରୁ ଜଣାପଡିଛି ଯେ, ମିଠା ଖାଇବା ମାମଲାରେ ପୁରୁଷଙ୍କ ଠାରୁ ଢେର ଆଗରେ ଅଛନ୍ତି ମହିଳା । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ଏନ୍‌ଆଇଏନ୍ ହାଇଦ୍ରାବାଦ ପକ୍ଷରୁ ଦେଶର ୭ଟି ପ୍ରମୁଖ ସହରରେ ଏକ ସର୍ଭେ କରାଯାଇଥିଲା । ସର୍ଭେରୁ ଜଣାପଡିଛି ଯେ, ଏହି ମହାନଗରରେ ଚିନିର ହାରାହାରି ବ୍ୟବହାର ପ୍ରତି ମୁଣ୍ଡ ପିଛା ୧୯.୫ ଗ୍ରାମ ରହିଛି । ପୁରୁଷ ମାନେ ପ୍ରତିଦିନ ହାରାହାରି ୧୮.୭ ଗ୍ରାମ ଚିନି ପ୍ରତିଦିନ ସେବନ କରୁଥିଲା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ୨୦.୨ ଗ୍ରାମ । ଅନ୍ୟ ମେଟ୍ରୋ ସହର ତୁଳନାରେ ମୁମ୍ବାଇରେ ହାରାହାରି ଦୈନିକ ଚିନି ବ୍ୟବହାର ପରିମାଣ ହେଉଛି ୨୬.୩ ଗ୍ରାମ । ଅହମ୍ମଦାବାଦରେ ଏହା ୨୫.୯ ଗ୍ରାମ, ଦିଲ୍ଲୀରେ ୨୩.୨ ଗ୍ରାମ ପ୍ରତିଦିନ । ସର୍ଭେରୁ ଜଣାପଡିଛି ଯେ, ଛୋଟପିଲା ନୁହେଁ ବୟସ୍କମାନେ ମଧ୍ୟ ସବୁଠୁ ଅଧିକ ମିଠା ସେବନ କରୁଛନ୍ତି ।

ଅତ୍ୟାଧୁନିକ ବାଇଓନିକ୍ ଚେୟାର୍

ବ୍ୟସ୍ତବହୁଳ ଜୀବନରେ ବିଭିନ୍ନ କାମ ନିମନ୍ତେ ଆମକୁ ଯା ଆସ କରିବାକୁ ପଡିଥାଏ । କେତେକ ପିରସ୍ଥିତିରେ ଆମେ ପହଞ୍ଚିବା ପରେ ବସିବା ପାଇଁ ସ୍ଥାନଟିଏ ପାଇନଥାଉ । ଅଧିକ ସମୟ ଛିଡା ହେଲେ ଥକିଯିବା ସହ ଗୋଡ ମଧ୍ୟ ବିନ୍ଧା ହୁଏ । ଏଇ ସମସ୍ୟାର ସମାଧାନ କରିଛନ୍ତି କାନାଡାର ଇଂଜିନିୟର ଦଳ । ଏଭଳି ଏକ ଚେୟାର୍ ତିଆରି କରିଛନ୍ତି, ଯାହାକୁ ଆମେ ପୋଷାକ ଭଳି ପିନ୍ଧିପାରିବା । ଏହାର ନାମ 'ବାଇଓନିକ୍ ଲେଗ୍ ଚେୟାର୍' ଦିଆଯାଇଛି । ଫୋଲ୍ଡିଂ କରି ନିଜ ବ୍ୟାଗ୍‌ରେ ରଖିପାରିବା ସହ ଆବଶ୍ୟକ ସମୟରେ ଏହି ଚେୟାର୍‌କୁ ପିନ୍ଧିପାରିବେ । ଏହି ଚେୟାର୍‌ର ମୂଲ୍ୟ ୯ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପ୍ରକାଶ ।

ଅନେକ ରୋଗର +ମହୌଷଧୀ ଏହି ଗଛର ପତ୍ର

କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ୍ୟ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା ରେ ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ୍ୟ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣଃ ଦାନ୍ତମାଢି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି-ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ । ଶରୀରରେ ଆଣ୍ଠୁଗଣ୍ଠି ଓ ପାଦ ଫୁଲିବା ଭଳି ସମସ୍ୟା ଦେଖା ଦେଲେ, ତେନ୍ତୁଳି ପତ୍ରର ରସକୁ ବ୍ୟବହାର କରି ଏହାକୁ ଦୂର କରି ପାରିବେ । ଏହା ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏଥିରେ ଅମୃତ ଭଣ୍ଡା, ଲୁଣ ଓ ପାଣି ମିଶାଇ ପାରିବେ, କିନ୍ତୁ ଧ୍ୟାନ ରଖିବେ ଯେ, ଲୁଣର ମାତ୍ରା ଯେପରି କମ୍ ରୁହେ ।

ହିତକାରୀ ସେଓ

ସେଓରେ ଭରପୂର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ଏହାର ସ୍ୱାଦ ମିଠା ହୋଇଥିବାରୁ ଅଧିକାଂଶ ଲୋକ ଏହା ଖାଇବାକୁ ପସନ୍ଦ କରିଥାନ୍ତି । ସାଧାରଣତଃ ଲୋକ ସବୁଜ ସେଓ ପରିବର୍ତ୍ତେ ଲାଲ ସେଓ ଖାଇବାକୁ ଅଧିକ ପସନ୍ଦ କରନ୍ତି । ବିଶେଷଜ୍ଞଙ୍କ ମତରେ ଲାଲ ସେଓ ପରିବର୍ତ୍ତେ ସବୁଜ ସେଓ ଶରୀର ପାଇଁ ଅଧିକ ଲାଭଦାୟକ । କାରଣ ଏଥିରେ ଭରପୂର ମାତ୍ରାରେ ଆଇରନ୍, ପୋଟାସିୟମ୍, କ୍ୟାଲସିୟମ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି ।

ଲାଲ ସେଓ ଅପେକ୍ଷା ସବୁଜ ସେଓରେ ଅଧିକ ମାତ୍ରାରେ ଫାଇବର ଓ କମ୍ ମାତ୍ରାରେ ଶର୍କରା ରହିଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ।

ଏକ ଗବେଷଣାରୁ ଜଣାପଡିଛି, ସବୁଜ ସେଓରେ ସବୁଜ ସେଓ ନିୟମିତ ସେବନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓ ଏଭଳି ପୋଷକ ତତ୍ତ୍ୱ ରହିଥାଏ, ଯାହା କୋଲେଷ୍ଟେରୋଲ ସ୍ତରରୁ କମ୍ କରେ । ଏଥିରେ ଥିବା ଫ୍ଲାବୋନଏଡ୍ସ ହୃଦଘାତ୍ ଜନିତ ରୋଗକୁ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ । ସବୁଜ ସେଓରେ ଆଣ୍ଟି-ଅକ୍ସିଡାଣ୍ଟ ଭରପୁର ମାତ୍ରାରେ ରହିଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ଚେହେରାରେ ଚମକ ଆସେ ।

ବୈଜ୍ଞାନିକ ମତ ଅନୁଯାୟୀ ନିୟମିତ ଭାବରେ ସବୁଜ ସେଓ ଖାଇବା ଦ୍ୱାରା ରକ୍ତ ବିଶୁଦ୍ଧ ହେବା ସହ ଷ୍ଟ୍ରୋକ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓରେ ଭିଟାମିନ୍ ଏ, କ୍ୟାଲସିୟମ, ଫାଇବର ଓ ଅନେକ ପୋଷକ ତତ୍ତ୍ୱ ରହିଛି ଏହାକୁ ନିୟମିତ ସେବନ କରିବା ଦ୍ୱାରା ହାଡ ଜନିତ ସମସ୍ୟା ଏବଂ ଅଷ୍ଟିଓ ପୋରୋସିସ୍ ଭଳି ରୋଗ ହେବାର ଆଶଙ୍କା କମ୍ ଥାଏ ।

ନିୟମିତ ସବୁଜ ସେଓ ଖାଇବା ଦ୍ୱାରା ଆଖି ଜ୍ୟୋତି ବୃଦ୍ଧି ହୋଇଥାଏ ଏବଂ ମାନସିକ ଚିନ୍ତା ମଧ୍ୟ କମ୍ ହେଉଥିବାର ପ୍ରକାଶ । ଏହାକୁ ନିୟମିତ ସେବନ ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥୟ ବାହାରି ଯାଇଥାଏ । ଏହା ସହ ରୋଗ ପ୍ରତିରୋଧକ ପ୍ରକ୍ରିୟା ସଠିକ୍ ରହିଥାଏ ।

ଡେଣାଥିବା ବିମାନଯାତ୍ରୀ

ଏମିତି ଜଣେ ସହଯାତ୍ରୀଙ୍କୁ ବିମାନରେ ଦେଖି ଅନ୍ୟ ଯାତ୍ରୀମାନେ ଆଶ୍ଚର୍ଯ୍ୟ ହେବା ସହ ହସିହସି ବେଦମ୍ ହୋଇଥିଲେ । ଅସଲରେ ଅହମ୍ମଦାବାଦରୁ ଜୟପୁର ଯାଉଥିବା ଗୋ ଏୟାର ବିମାନରେ ଦୁଇଟି ପାରା ପଶିଯାଇଥିଲେ । ବିମାନ ଉଡାଣ ଆରମ୍ଭ କରିବା ପୂର୍ବରୁ ପାରା ଦୁଇଟିଙ୍କୁ କ୍ୟାବିନ୍ ଭିତରେ ଦେଖି କର୍ମଚାରୀ ଏବଂ ଯାତ୍ରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ପରେ ବହୁତ କଷ୍ଟରେ ତାଙ୍କୁ ବାହାରେ କରାଯାଇଥିଲେ । ପରେ ବହୁତ ବିମାନ ପ୍ରାୟ ଅଧଘଣ୍ଟା ବିଳମ୍ବରେ ଜୟପୁର ପହଞ୍ଚିଥିଲା । ତେବେ ଧାର୍ଯ୍ୟ ସମୟରେ ଏହା ଉଡାଣ କରିଥିଲା ବୋଲି ଗୋ ଏୟାର କର୍ତ୍ତୃପକ୍ଷ କହିଥିଲେ ।

ତେଲଯୁକ୍ତ ଖାଦ୍ୟ:
କିଛି ଲୋକ ବିମାନରେ ଯାତ୍ରା କରିବା ପୂର୍ବରୁ ଚିପ୍ସ ବା ସ୍ନାକ୍ସ ଖାଦ୍ୟ ଖାଇଥାନ୍ତି । ଏହା ଦ୍ୱାରା ଏସିଡିଟି ଭଳି ସମସ୍ୟା ସୃଷ୍ଟି ହୋଇଥାଏ ।

କଫି:
ବିମାନ ଯାତ୍ରା ପୂର୍ବରୁ କଫି ପିଅନ୍ତୁ ନାହିଁ । ମୁଣ୍ଡ ବିନ୍ଧା ହେବା ଭଳି ସମସ୍ୟା ଦେଖା ଦେଇଥାଏ ।

ଆଲକହଲ:
ବିମାନ ଯାତ୍ରା ପୂର୍ବରୁ ଆଲକହଲ ସେବନ କରିବା ହାନିକାରକ ହୋଇପାରେ । ରାଜମା, ଚଣା: ଏହା ସହଜରେ ହଜମ ହୋଇ ନଥାଏ । ତେଣୁ ପେଟରେ ଗ୍ୟାସ ଜନିତ ସମସ୍ୟା ହେବାର ଯଥେଷ୍ଟ ଆଶଙ୍କା ଥାଏ ।

ସେଓ:
ଏମିତିରେ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ । କିନ୍ତୁ ବିମାନ ଯାତ୍ରା ବେଳେ ସେଓ ନ ଖାଇବା ଭଲ ।

ଆମିଷ ଜାତୀୟ ଖାଦ୍ୟ:
ବିମାନ ଯାତ୍ରା ପୂର୍ବରୁ ଲୋକେ ଆମିଷ ଖାଇଥାନ୍ତି । ଏହା ହଜମ ହୋଇନଥାଏ । ଶରୀର ଖରାପ ହେବାର ମୁଖ୍ୟ କାରଣ ହୋଇଥାଏ ।

ବ୍ରୋକୋଲି:
ବିମାନ ଯାତ୍ରା ପୂର୍ବରୁ ଫୁଲକୋବି, ବନ୍ଧାକୋବି ଏବଂ ବ୍ରୋକୋଲି ଆଦି ନ ଖାଇବା ଭଲ ।

କୋଲ୍ଡ ଡ୍ରିଙ୍କ:
ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ବିମାନ ଯାତ୍ରା ବେଳେ ଏହାକୁ ସେବନ କରିବା ଦ୍ୱାରା ଗ୍ୟାସ ଏବଂ ଛାତି ଜଳା ପୋଡା ହେବା ଭଳି ସମସ୍ୟା ଦେଖା ଦେଇଥାଏ ।

ସ୍ପାଇସି ଫୁଡ୍:
ଅଧିକ ମସଲା ଯୁକ୍ତ ଖାଦ୍ୟ ବିଭିନ୍ନ ରୋଗର କାରଣ ହୋଇଥାଏ । ତେଣୁ ବିମାନ ଯାତ୍ରା ପୂର୍ବରୁ ଏହି ଖାଦ୍ୟଠାରୁ ଦୂରରେ ରହିବା ଭଲ ।

ମଶା ଉପଦ୍ରବରୁ ରକ୍ଷା ପାଇବାର ଘରୋଇ ଉପଚାର

ଋତୁ ପରିବର୍ତ୍ତନ ସମୟରେ ମଶାଙ୍କ ଉପଦ୍ରବ୍ୟ ବଢି ଯାଇଥାଏ । ମଶା କାମୁଡିବା ଦ୍ୱାରା କୁଣ୍ଡେଇ ହେବା ସହ ତ୍ୱଚା ଲାଲ୍ ପଡିବା ଭଳି ଲକ୍ଷଣ ଦେଖିବାକୁ ମିଳେ । ଏହା ଦ୍ୱାରା ଡେଙ୍ଗୁ ଏବଂ ଚିକନଗୁନିୟା ଭଳି ରୋଗ ହେବାର ସମ୍ଭାବନା ରହିଥାଏ । ଯଦି ମଶା ଉପଦ୍ରବରୁ ରକ୍ଷା ପାଇବାକୁ ଚାହୁଁଛନ୍ତି, ତେବେ ଏହି ଘରୋଇ ଉପଚାର ଆପଣାଇ ପାରିବେ । ଏହି ଉପଚାରଗୁଡିକ ଆପଣଙ୍କ ହାତ ପାଆନ୍ତାରେ ଅତି ସହଜରେ ମିଳିପାରିବ ।

ରସୁଣ: ରସୁଣର କଡା ଗନ୍ଧରେ ମଶା ପାଖ ମାଡନ୍ତି ନାହିଁ । ରସୁଣକୁ ଛୋଟ ଛୋଟ କରି କାଟି ପାଣିରେ ଫୁଟାଇ ଦିଅନ୍ତୁ । ପରେ ଏହି ପାଣିକୁ ଘର ସାରା ଛିଞ୍ଚିଦିଅନ୍ତୁ ।

ଲେମ୍ବୁ: ନଡିଆ ତେଲରେ ଲେମ୍ବୁ ରସ ମିଶାଇ ଶରୀରରେ ମାଲିସ କରନ୍ତୁ । ଏହା ଦ୍ୱାରା ମଶା କାମୁଡାରୁ ରକ୍ଷା ପାଇ ପାରିବେ । ଲେମ୍ବୁକୁ ଅଧା କାଟି ତାହା ଉପରେ ଲବଙ୍ଗ ରଖିଲେ ମଶା ଘରେ ହେବେ ନାହିଁ ।

କର୍ପୂର: ମଶା ଉପଦ୍ରବର ମୁକ୍ତି ପାଇଁ ଆପଣ କର୍ପୂର ବ୍ୟବହାର କରି ପାରିବେ । ଘରେ କର୍ପୂର ଜଳାଇ ରଖିବା ଦ୍ୱାରା ମଶା ଆସିବେ ନାହିଁ । କର୍ପୂରର ଗନ୍ଧକୁ ମଶାମାନେ ସହ୍ୟ କରିପାରନ୍ତି ନାହିଁ ।

ଲିମ୍ବ: ଲିମ୍ବ ବ୍ୟବହାର କରି ମଶାକୁ ଦୂର କରାଯାଇପାରିବ । ନଡିଆ ତେଲରେ ଲିମ୍ବ ପତ୍ର ମିଶାଇ ଶରୀରରେ ମାଲିସ କରିବା ଦ୍ୱାରା ମଶା କାମୁଡିବାରୁ ମୁକ୍ତି ମିଳେ ।

ତୁଳସୀ: ତୁଳସୀ ପତ୍ର ଘରେ ରଖିବା ଦ୍ୱାରା ମଶା ଘରକୁ ଆସନ୍ତି ନାହିଁ ।

ପୁଦିନା: ଗନ୍ଧରେ ମଶା ଘରେ ରହେ ନାହିଁ ।

ଗୋ ସୁରକ୍ଷା ପାଇଁ କେଶରୀୟା ହିନ୍ଦୁ ବାହିନୀର ବୈଠକ

ବାରିପଦା ,୨୦।୮ (ନି.ପ୍ର) :ଗୋ ସୁରକ୍ଷା ଏବଂ ବୃକ୍ଷ ରୋପଣ ସମ୍ପର୍କିତ ଏକ ବୈଠକ ଜିଲ୍ଲା କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ଦାସ ଅଧକ୍ଷ୍ୟତାରେ ଏହି ବୈଠକ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗୋ ସୁରକ୍ଷା ଏବଂ ବୃକ୍ଷ ରୋପଣ ନିମନ୍ତେ ଆଗାମୀ ଦିନର କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ଫଂଚାୟତ ସ୍ତରରେ କିଭଳି ଗୋମାତାଙ୍କୁ ସୁରକ୍ଷା ଦିଆଯିବ ଓ ବୃକ୍ଷ୍ୟ ଲଗାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଆଇଟି ସେଲ୍ ପ୍ରମୁଖ ପ୍ରବୀର ଦାସବାବୁ, ଜିଲ୍ଲା ସମ୍ପାଦକ ସୁଜୟ କୁମାର ପଣ୍ଡା, ଜିଲ୍ଲା ମହାମନ୍ତ୍ରୀ ସୁବ୍ରତ କୁମାର ମୁଖୀ, ଜିଲ୍ଲା ଯୁବ ସଭାପତି ଶାନ୍ତନୁ ଦାସ, ଜିଲ୍ଲା ଉପସଭାପତି ପୃଥୀରାଜ ଦାସ, ଯୁବ ସାଧାରଣ ସମ୍ପାଦକ ପଙ୍କଜ ବେହେରା, ଜିଲ୍ଲା ଛାତ୍ର ସଭାପତି ଅନୁପ ରନ ବେହେରା ଓ ଅନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

ଗଡନୃସିଂହ ପ୍ରସାଦରେ କୋଭିଡ କେୟାର ସେଂଟର ଉଦଘାଟିତ

ଭୁବନ,୨୦।୮ (ନି.ପ୍ର) : ଭୁବନ ବ୍ଲକ ଅନ୍ତର୍ଗତ ଗଡନୃସିଂହପ୍ରସାଦ ଫଂଚାୟତ ପଳାସପିଠିଆ ଗ୍ରାମର ଫଂଚାୟତରାଜ ଉଚ୍ଚ ବିଦ୍ୟାଳୟକୁ ଅସ୍ଥାୟୀ କୋଭିଡ କେୟାର ସେଂଟର ଭାବେ ଉଦଘାଟିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତାରାଣୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସେଂଟରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟସେବା କର୍ମଚାରୀ ମାନେ ଯୋଗଦେଇଥିଲେ । ପ୍ରଥମ ଦିବସରେ ୯ ଜଣ କରୋନା ସଂକ୍ରମିତ ବ୍ୟକ୍ତି ଏହି ସେଂଟରରେ ରହି ଚିକିତ୍ସିତ ହେଉଛନ୍ତି ।

କରୋନାରେ ପ୍ରାଣ ହରାଇଥିବା ଗଂଜାମ ଜିଲ୍ଲାର ଶିକ୍ଷକଙ୍କ ପରିବାରଙ୍କୁ ସହାୟତା

ଭୁବନେଶ୍ୱର,୨୦।୮ (ନି.ପ୍ର) : କରୋନା ମହାମାରୀରେ ଗଂଜାମ ଜିଲ୍ଲାରେ ୧୩ ଜଣ ଶିକ୍ଷକ ମୃତ୍ୟୁ ବରଣ କରିଛନ୍ତି । ସେମାନଙ୍କ ସଂପର୍କରେ ସବିଶେଷ ବିବରଣୀ ସଂଗ୍ରହ କରି ସେମାନଙ୍କ ପରିବାରକୁ ସରକାରୀ ସହାୟତା ଦିଆଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି । ଏ ସଂପର୍କରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସେହି ସମସ୍ତ ପରଲୋକଗତ ଶିକ୍ଷକମାନଙ୍କ ବାସ ଭବନକୁ ଯାଇ ସେମାନଙ୍କର ପରିବାରଙ୍କୁ ସାକ୍ଷାତ କରି ତଥ୍ୟ ସଂଗ୍ରହ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଣୁ ଗଂଜାମ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଅମୂଲ୍ୟ କୁମାର ପ୍ରଧାନ ମୃତ୍ୟୁ ବରଣ କରିଥିବା ଶିକ୍ଷକମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କ ବାସ ଭବନରେ ସାକ୍ଷାତ କରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଶୀଘ୍ର ଦାଖଲ କରିବାକୁ ଅନୁରୋଧ କରିଛନ୍ତି । ପ୍ରକାଶ ଥାଉକି, କରୋନା ସଂକ୍ରମିତଙ୍କ ଜୀବନ ରକ୍ଷା ପାଇଁ ନିଜର କର୍ତବ୍ୟ ସଂପାଦନ କରୁଥିବା ବେଳେ ଗଂଜାମ ଜିଲ୍ଲା ଏଚ୍.ଏସ୍ ପ୍ରାଥମିକ ବିଦ୍ୟାଳୟ (କବିସୂର୍ଯ୍ୟନଗର)ର ସହକାରୀ ଶିକ୍ଷକ ସୀମାଂଚଳ ଶତପଥୀ, ତକରଡା(ବୁଗୁଡା)ର ସହକାରୀ ଶିକ୍ଷକ ରବୀନ୍ଦ୍ରନାଥ ସେନାପତି, ସରବାଦୀ ଗ୍ରା.ପ.ହାଇସ୍କୁଲ (ସୋରଡା)ର ସଂଗୀତ ଶିକ୍ଷକ ଭାସ୍କର ସାହୁ, ଥୁରୁବୁରାଇ(ଶେରଗଡ) ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷକ ବଶିଷ୍ଠ କୁମାର ପ୍ରହରାଜ, ଭୁତ ସରସିଙ୍ଗା (ପୁରୁଷୋତମପୁର) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ଶତପଥୀ, ରିପିଟିପଲ୍ଲୀ (ଭଂଜନଗର) ପ୍ରାଥମିକ ବିଦ୍ୟାଳୟର ଗଣଶିକ୍ଷକ କୁଶଧ୍ୱଜ ସେଠୀ, ସିଆଳିଆ (କବିସୂର୍ଯ୍ୟନଗର) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୃଷ୍ଣଚରଣ ସେଠୀ, କନକା (ପୁରୁଷୋତମପୁର) ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି. ବିଜୟଲକ୍ଷ୍ମୀ, ଡେଙ୍ଗାପଦର ଇନ୍ଦିରା ଆବାସ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(କେ. ସାମନ୍ତରାପୁର)ର ସହକାରୀ ଶିକ୍ଷକ ବଂଶୀଧର ବେହେରା, ସିଙ୍ଗିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରି ବେହେରା , କେ.ରାଇସିଙ୍ଗା(ଆସ୍କା) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଦ୍ଧାର୍ଥ ଶଙ୍କର ପାଢୀ ଏବଂ ଗଙ୍ଗାଧର (କବିସୂର୍ଯ୍ୟନଗର)ର ସହକାରୀ ଶିକ୍ଷକ ରାମେଶ୍ୱର ଆଚାରୀ ପ୍ରାଣ ହରାଇଥିଲେ ।

ନକଲି ମହିଳା ଆଇପିଏସ ଗିରଫ : ପଚରା ଉଚରା ବେଳେ ଗର୍ଭବତୀ ଥିବା କହି ପୁଲିସକୁ ନାକେଦମ୍ କଲେ

ରାଉରକେଲା,୨୦।୮ (ନି.ପ୍ର) : ଗତ କିଛି ଦିନ ତଳେ ଭୁବନେଶ୍ୱରରେ ମହିଳା ଆଇପିଏସ ଭାବେ ନିଜକୁ ପରିଚୟ ଦେଇ ଭୁବନେଶ୍ୱର ପୁଲିସକୁ ଚକମା ଦେଇଥିବା ମହିଳା ସର୍ମିଷ୍ଠା ବେହେରା (୨୫) ଏବେ ରାଉରକେଲା ପୁଲିସ ହାତରେ ଧରା ପଡି ଜେଲ୍ ଯାଇଛନ୍ତି । ଏପରିକି ପୋଲିସର ପଚରା ଉଚୁରା ବେଳେ ସେ ଗର୍ଭବତୀ ଥିବା କହି ପୁଲିସକୁ ନାକେଦମ୍ କରିଥିବାର ଖବର ମିଳିଛି । ଚଳିତ ମାସ ୧୧ ତାରିଖରେ ଏହି ମହିଳା ଜଣକ ବାସନ୍ତୀ କଲୋନୀ ଠାରେ ଥିବା ବୁଲେଟ୍ ସୋ ରୁମରେ ପହଁଚି ନିଜକୁ ଆଇପିଏସ ଭାବେ ପରିଚୟ ଦେବା ସହ ବଣେଇରେ ସେ କାମ କରନ୍ତି ବୋଲି କହିଥିଲେ । ପରେ ସେଠାରୁ ଏକ ବୁଲେଟ୍ ଲୋନରେ ନେଇ ଚାଲିଯାଇଥିଲେ । ୨ ଦିନ ପରେ ସେ ଦେଇଥିବା ଚେକ୍ ଆକାଉଁଟରେ ପଇସା ନଥିବା ଜାଣି ଫାଇନାନ୍ସ କମ୍ପାନୀ ପକ୍ଷରୁ ଉଦିତନଗର ପୁଲିସକୁ ଅବଗତ କରାଯାଇଥିଲା । ପୁଲିସ ତାଙ୍କୁ ପିଛା କରି ଥାନା ନିକଟରେ ଥିବା ସିଟି ବଜାର ପାଖ ଏକ ହୋଟେଲରୁ ଧରିବା ସହ ତାଙ୍କ ନିକଟରୁ ନକଲି ପୁଲିସ ପୋଷାକ, ଆଇପିଏସ ଲୋଗୋ ଆଦି ସମେତ ବୁଲେଟ ମୋଟର ସାଇକେଲ ଜବତ କରିଛି । ମହିଳା ଜଣକ ଗତକାଲି ଠାରୁ ପୁଲିସ ହେପାଜତରେ ଥିବା ବେଳେ ତାଙ୍କ ପାଖରୁ ପୁଲିସ କେବଳ ତାଙ୍କ ନାମ ଛଡା ଅନ୍ୟ କିଛି ସଂଗ୍ରହ କରିପାରି ନାହିଁ । ବର୍ତମାନ ସେ ତାଙ୍କ ଘର ଭଦ୍ରକ, ଚାନ୍ଦବାଲି ଖୋର୍ଦ୍ଧା, ପୁରୀ ଆଦି ବୋଲି ପରିଚୟ ଦେଉଥିବା ବେଳେ ବାରମ୍ବାର କାହିଁ କି କାହା କଥା ରେ ସେ ଏଭଳି କରୁଛନ୍ତି ତାହା ମଧ୍ୟ ପୁଲିସ ଜାଣି ପାରିନାହିଁ । ଗତକାଲି ପଚରା ଉଚରା ବେଳେ ହଠାତ୍ ସେ ପୋଲିସକୁ କହିଥିଲେ ଯେ, ମୋତେ ବେଶି କିଛି ପଚାରନ୍ତୁନି, ମୁଁ ଗର୍ଭବତୀ ଅଛି ଯଦି ପିଲାଟି ନଷ୍ଟ ହୁଏ ମୁଁ ପୁଲିସ ବିରୋଧରେ ମାମଲା କରିବି । ଏତିକିରେ ପୁଲିସ ଛାନିଆ ହୋଇ ତାଙ୍କୁ ଏନେଇ ପରୀକ୍ଷା କରିବାରୁ କୌଣସି ରିପୋର୍ଟ ବାହାରି ନଥିଲା ବୋଲି ଖବର ମିଳିଛି । ଅନ୍ୟପକ୍ଷରେ ମହିଳା ଜଣକ ବିବାହିତ କି ନାହିଁ ବୋଲି ଷ୍ପଷ୍ଟ ହୋଇପାରୁନଥିବା ବେଳେ ଟାଙ୍ଗରପାଲୀ ଥାନାରେ କାମ କରୁଥିବା ଜଣେ କର୍ମଚାରୀଙ୍କ ସହ ତାଙ୍କର ଫେସ ବୁକରୁ ପରିଚୟ ହୋଇଥିଲା । ପରେ ଉଭୟ ଉଭୟଙ୍କୁ ଭଲପାଇ ବସିଥିଲେ । ତେବେ ଭୁବନେଶ୍ୱରରେ କରିଥିବା ଠକେଇ ମାମଲାରେ ଏସବୁ କଥା ସଂପୃକ୍ତ ପୁଲିସ କର୍ମଚାରୀ ଜଣକ ଜାଣିବା ପରେ ଏହି ମହିଳାଙ୍କ ଠାରୁ ଦୂରେଇ ଯାଇଥିବା କୁହାଯାଉଛି । ତେବେ ସେ ଏମିତି କାହିଁକି ବାରମ୍ବାର କରୁଥିଲେ ତାଙ୍କୁ କିଏ ଏସବୁ ଫର୍ମୁଲା ଶିଖାଉଛି ସେ ନେଇ ନାନା କଥା ଏବେ ସାଧାରଣରେ ଉଙ୍କି ମାରୁଛି । ତେବେ ଗୋଟାଏ କଥା ଫେସବୁକ୍ ପ୍ରେମ ନିଜର ନକଲି ପରିଚୟ ଲାଗି ବନ୍ଦ ହେବା ପରେ ହୁଏତ ରାଉରକେଲାର ସେହି ପୁଲିସ କର୍ମଚାରୀ ଜଣଙ୍କୁ ବଦନାମ୍ କରିବା ଲାଗି ମହିଳା ଜଣକ ଏଭଳି କରିଥାଇ ପାରନ୍ତି ବୋଲି କୁହାଯାଉଛି । ଅପରପକ୍ଷରେ ଭବୁନେଶ୍ୱର ପୁଲିସ ଏଭଳି ମହିଳାଙ୍କୁ ଧରିବା ପରେ କେବଳ ନୋଟିସ୍ ଦେଇ ଛାଡିବା ଓ ତାଙ୍କ ସମ୍ପର୍କରେ ବିଶେଷ କିଛି ଖବର ନରଖିବା ପରେ ସେ ରାଉରକେଲାରେ ଏଭଳି ସାହାସ କଲେ ବୋଲି କୁହାଯାଉଛି ।

'ସବୁଜ ଓଡ଼ିଶା ମିଶନ' ଯୋଜନାରେ୧୫ କୋଟି ଚାରା ଉତ୍ପାଦିତ

ଭୁବନେଶ୍ୱର,୨୦।୮ (ନି.ପ୍ର) : ୨୦୨୦ ବର୍ଷରେ ବଂଟନ ପାଇଁ 'ସବୁଜ ଓଡ଼ିଶା ମିଶନ' ଯୋଜନାରେ ୧୫ କୋଟି ଚାରା ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉତ୍ପାଦିତ ହୋଇଛି । ଗତବର୍ଷ ୫ କୋଟି ୫୦ ଲକ୍ଷ ଚାରା ବଣ୍ଟନ ପାଇଁ ଉତ୍ପାଦନ କରାଯାଇଥିଲା । କୋଭିଡ୍ ମହାମାରୀ ପରିସ୍ଥିତି ସତ୍ତ୍ୱେ ଏହି ବିପୁଳ ସଂଖ୍ୟକ ଚାରା ଉତ୍ପାଦନ କରାଯିବା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ଏକ ସର୍ବକାଳୀନ ରେକର୍ଡ । ୫ କୋଟି ଚାରା ବଂଟନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଚଳିତ ବର୍ଷା ଋତୁରେ ଏ ପର୍ଯ୍ୟନ୍ତ ୨ କୋଟି ଚାରା ବଂଟନ କରାଯାଇ ସାରିଛି ।୨୦୧୯ ବର୍ଷରେ ୬୮ ହଜାର ୩୫୮ ହେକଫର ପରିମିତ ଜମିରେ ଚାରା ରୋପଣ କରାଯାଇଥିଲା । ୨୦୨୦ ବର୍ଷରେ ଏହାର ପ୍ରାୟ ଦୁଇଗୁଣ ୧ ଲକ୍ଷ ୩୦ ହଜାର ହେକଫର ପରିମିତ ଜମିରେ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି । ଜଙ୍ଗଲ ବିଭାଗ କ୍ଷେତ୍ର କର୍ମଚାରୀମାନଙ୍କ ନିଷ୍ଠା ଓ ଉଦ୍ୟମ ଯୋଗୁଁ ବନାଗ୍ନି ପ୍ରତିହତ କରାଯିବା ଓ ଏହାର ସୁପରିଚାଳନା ଅନେକାଂଶରେ ସଫଳ ହୋଇପାରିଛି । ସେମାନଙ୍କ ସମୟୋଚିତ ପଦକ୍ଷେପ ହେତୁ ୨୦୧୯ରେ ହୋଇଥିବା ୧୯ ହଜାର ୭୮୭ ବନାଗ୍ନି ଅଘଟଣକୁ ୨୦୨୦ରେ ୧୧ ହଜାର ୮୮କୁ କମାଯାଇପାରିଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି ।

କରୋନା ମୁକାବିଲା ଚିନ୍ତା ୭ ମେଡିକାଲ କଲେଜର ବରିଷ୍ଠ ପ୍ରଫେସରଙ୍କୁ ନେଇ ସରକାର ଗଠନ କଲେ ଟେକ୍‌ନିକାଲ କମିଟି

ଭୁବନେଶ୍ୱର,୨୦।୮ (ନି.ପ୍ର) : ରାଜ୍ୟରେ କରୋନା ସଂକ୍ରମଣ ଲଗାତାର ଭାବେ ବଢୁଥିବା କାରଣରୁ ରାଜ୍ୟ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ୭ଟି ମେଡିକାଲ କଲେଜର ବରିଷ୍ଠ ପ୍ରଫେସରଙ୍କୁ ନେଇ ଏକ ଟେକ୍‌ନିକାଲ କମିଟି ଗଠନ କରିଛନ୍ତି । ରାଜ୍ୟର ୭ଟି ମେଡିକାଲ କଲେଜ ମଧ୍ୟରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ, ବୁର୍ଲା ଭୀମସାର, ବଲାଙ୍ଗୀର ବିବି ମେଡିକାଲ କଲେଜ ଓ ହସ୍‌ପିଟାଲ, କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍‌ପିଟାଲ, ବାଲେଶ୍ୱର ଏଫ୍‌ଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ୍, ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ ରହିଛି । ସରକାରଙ୍କ ଦ୍ୱାରା ୭ଟି ମେଡିକାଲ କଲେଜର ବରିଷ୍ଠ ପ୍ରଫେସରଙ୍କୁ ନେଇ ଗଠନ କରାଯାଇଥିବା ଏହି ଟେକ୍‌ନିକାଲ ଟିମ୍ ୩୦ଟି ଜିଲ୍ଲା ଗସ୍ତ କରି କରୋନା ଚିକିତ୍ସା ବ୍ୟବସ୍ଥା ତଦାରଖ କରିବେ ବୋଲି ସୂଚନା ରହିଛି ।

ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୀତିକବି ଦିଲ୍ଲୀପ ବେହୁରାଙ୍କ ସ୍ମୃତିସଭା

ଭୁବନେଶ୍ୱର,୨୦।୮ (ନି.ପ୍ର) : ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୀତିକବି ସ୍ୱର୍ଗତ ଦିଲ୍ଲୀପ କୁମାର ବେହୁରାଙ୍କ ସ୍ମୃତିସଭା ସ୍ଥାନୀୟ ସୁନାଦେଇ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ଅନୁରୋଧ କ୍ରମେ କୋଭିଡ୍ ନିୟମ ଅନୁପାଳନ କରି ୺ ଦିଲ୍ଲୀପ ବେହୁରାଙ୍କ ସହିତ ଜଡ଼ିତ ସାହିତ୍ୟିକ ଓ ତାଙ୍କର ପ୍ରଶଂସକ ଏହି ସ୍ମୃତିସଭାରେ ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବେହୁରା ଏକଧାରାରେ ଜଣେ ସହିତ୍ୟ ସଂଗଠକ, କବି, ସ୍ତମ୍ଭକାର, ସମାଲୋଚକ, ବର୍ଣ୍ଣବିତାନ ଭଳି ଏକ ସୃଜନଶୀଳ ସାହିତ୍ୟ ପତ୍ରିକାର ସମ୍ପାଦନା କରିବା ସହିତ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାଷା ସଂସ୍କୃତି ସମାଜ'କୁ ସମଗ୍ର ଓଡ଼ିଶାରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ପରିଚିତି ଲାଭ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଉଲ୍ଲେଖ କରିଥିଲେ । ଏହି ସଭାରେ ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା, ପରାମର୍ଶଦାତା ନବକିଶୋର ବେହେରା, ମନୋରଞ୍ଜନ ମହାନ୍ତି, ଅକ୍ଷୟ ବେହେରା, ସୁଷମା ମହାପାତ୍ର, ଗୀତିକବି ବିପିନ ମହାନ୍ତି, ବିନ୍ଧ୍ୟାଧର ବାରିକ, ସୌଦାମିନୀ ବେହେରା, ଭଜକୃଷ୍ଣ ମହାନ୍ତି, ଚମକ ଚାନ୍ଦିନୀ ଦାଶ, ନିରୁପମା ମହାପାତ୍ର, ଗୋଦାବରୀଶ କର, ନଟବର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

ଶୋଚନୀୟ ରାସ୍ତାକୁ ମରାମତି କଲେ ଶରତ ଅଂଚଳବାସୀ : ତଥାପି ନିଦାବିଷ୍ଟୁ ସାଜିଛନ୍ତି ବିଭାଗୀୟ କର୍ତୃପକ୍ଷ

ବାରିପଦା,୨୦।୮ (ନି.ପ୍ର) : ମୟୂରଭଞ୍ଜ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହେଲା ଶରତ-ଠାକୁରମୁଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ରାସ୍ତା । ଠାକୁରମୁଣ୍ଡାରୁ ଶରତ, କପ୍ତିପଦା, ଉଦଳା, ବାରିପଦା ଓ ବାଲେଶ୍ୱରକୁ ଏହି ରାସ୍ତାଟି ହେଉଛି ମୁଖ୍ୟ ରାସ୍ତା । ସେହିଭଳି ଶରତ ଅଂଚଳର ଲୋକମାନଙ୍କୁ କଟକ,ଭୁବନେଶ୍ୱର ଯିବାପାଇଁ ଏହିରାସ୍ତାର ଗୁରୁତ୍ୱ ବେଶୀ । କିନ୍ତୁ ରାସ୍ତାଟି ଭେଜିଡିହା ଘାଟୀ ତଳୁ ଶରତ ପର୍ଯ୍ୟନ୍ତ ନିହାତି ଅଗମ୍ୟ ହୋଇ ପଡିଛି ରାସ୍ତା ସାରା ଖାଲ ଖମାରେ ପରିପୂର୍ଣ୍ଣ । ବିଭାଗୀୟ କର୍ତୃପକ୍ଷଙ୍କୁ ବାରମ୍ବାର ଦାବି କଲେ ମଧ୍ୟ ଏହି ରାସ୍ତା ଅବସ୍ଥା ସୁଧୁରୁନାହିଁ । ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି ଏହି ରାସ୍ତା ପାଇଁ । ଗତ ସ୍ୱାଧୀନତା ଦିବସ ଦିନ ଶରତ ଅଂଚଳ ବାସୀ ଏକଜୁଟ ହୋଇ ସାମାଜିକ ଦୂରତା ରକ୍ଷାକରି ଏହି ରାସ୍ତାର ମରାମତି କାର୍ଯ୍ୟ କରିଥିଲେ । ମାଟି ମେରାମ୍ ଆଣି ରାସ୍ତାରେ ହୋଇଥିବା ଖାଲଖମା ବଡ ବଡ ଗର୍ତ ମାନଙ୍କରେ ଭର୍ତି କରୁଥିଲେ । ତାହା ମଧ୍ୟ ପୋଲିସ୍ ଆଖିକୁ ଗଲାନାହିଁ । କାମ ବନ୍ଦ କରିବାକୁ ପୋଲିସ ନାଲିଆଖି ଦେଖାଇବାକୁ ପଛାଇଲା ନାହିଁ । ତେବେ ନେତା ଅଫିସର ମାନେ ଏହି ରାସ୍ତାରେ ଯିବା ଆସିବା କରୁଥିଲେମଧ୍ୟ ରାସ୍ତାପ୍ରତି ନଜର ଦେଉନାହାନ୍ତି । ଏହି ରାସ୍ତା ଅବସ୍ଥା ସୁଧାରି ତୁରନ୍ତ ଭଲରାସ୍ତା ତିଆରି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ବାରିପଦା କର୍ତୃପକ୍ଷ ପଦେକ୍ଷପ ନେବାକୁ ସାଧାରଣରେ ଦାବି ହେଉଛି ।

ରାସ୍ତା ମଝିରେ ବିଦ୍ୟୁତ୍ ଟ୍ରାନ୍ସଫରମର ଥିବାନେଇ ବିପଦରେ ଜନସାଧାରଣ

ଭଦ୍ରକ, ୨୦/୮ (ହି.ସ.)- ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀ ବଜାରରୁ ଗୋବିନ୍ଦାଗଡିଆ ଗେଣ୍ଡୁଟୀ ନଦୀବନ୍ଧ ନିକଟସ୍ଥ ବେଲମଳା ସ୍କୁଲ ପାର୍ଶ୍ୱରେ ଥିବା ବନ୍ଧ ମଝିରେ ଉଚ୍ଚ ଶକ୍ତି ସଂପନ୍ନ ୧୧କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି । ଯାହାକି ପୁରୁଣା ଲୁହା ଖୁଣ୍ଟ ରହିଛି । ବନ୍ଧର ଉଚତା ଓ ଚଉଡା ବୃଦ୍ଧି ଯୋଗୁଁ ଏବେ ଏହି ୧୧କେଭି ତାର ତଳକୁ ହୋଇଯିବା ସହିତ ବନ୍ଧର ମଧ୍ୟ ଭାଗକୁ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ରହିଛି । ଯାହାଫଳରେ ଏହି ବନ୍ଧରେ ଯାତାୟତ କରୁଥିବା ବଡବଡ ଗାଡି ଏବଂ ସାଧାରଣ ଲୋକ ବିଭିନ୍ନ ସମୟରେ ବିପଦକୁ ସମ୍ମୁଖୀନ କରୁଛନ୍ତି । ସେହିପରି ଏହି ନଦୀବନ୍ଧର ନନ୍ଦିପୁର ନିକଟରେ ବନ୍ଧ ମଝିରେ ୩ଟି ଟ୍ରାନ୍ସଫର୍ମର ଓ ପ୍ରାୟ ୧୨ଟି ସ୍ଥାନରେ ୧୧କେଭି ବିଦ୍ୟୁତ ତାର ଯାଇଛି । ସେହିପରି ଅନେକ ସ୍ଥାନରେ ନଦୀବନ୍ଧ ଉପରେ ଏଲଟି ଲାଇନ ତାର ଯାଇଛି । ଏବେ ବନ୍ଧର ଉଚତା ବଢିବାରୁ ସେହି ତାର ଓ ଖୁଂଟି ନୁଆଣିଆ ହୋଇ ବିପଦ ସଂକୁଳ ଅବସ୍ଥାକ୍ଷରେ ରହିଛି । ଏହି ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର, ଖୁଂଟି କିମ୍ବା ତାରକୁ ସ୍ଥାନାନ୍ତରିତ କରାଯାଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବା ସହିତ ଅସନ୍ତୋଷ ଦେଖାଦେଇଛି । ଅପରପକ୍ଷେ ଜଳସେଚନ ବିଭାଗ ଓ ବିଦ୍ୟୁତ ବିଭାଗର ତାଳମେଳ ଠିକ୍ ରହୁନଥିବାରୁ ଆଜି ପର୍ଯ୍ୟନ୍ତ ସମଶ୍ୟାର ସମାଧାନ ହୋଇପାରୁନାହିଁ । ମଧ୍ୟରେ କେବଳ ଚିଠି ନିଆଦିଆରେ କାମ ଅଟକିଛି । ଉଭୟ ଉଭୟଙ୍କୁ ଚିଠି କରି ଚୁପ୍ ହୋଇ ବସି ରହିଛନ୍ତି । ଏହି ସବୁ କାର୍ଯ୍ୟ ପାଇଁ କେଉଁ ବିଭାଗ ଅର୍ଥ ବ୍ୟୟ ବରାଦ କରିବ ତାହାକୁ ନେଇ ଉଭୟ ବିଭାଗ ମଧ୍ୟରେ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ସ୍ଥାନୀୟ ଲୋକ ପ୍ରତି ମୂହୂର୍ତ୍ତରେ ବିପଦକୁ ସମ୍ମୁଖୀନ କରୁଛନ୍ତି । ନିକଟରେ ଦୋବଲ ବଜାରସ୍ଥିତ ଗେଣ୍ଡୁଟୀ ନଦୀରେ ଏକ ପକ୍କା ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜଣେ ଶ୍ରମିକ ୧୧କେଭି ବିଦ୍ୟୁତ ତାର ସଂର୍ଶ୍ପରେ ଆସି ମୃତ୍ୟୁ ଘଟିଥିବା ବେଳେ

ବନୀକରଣରେ ବିହନ ବୋମା....

(ପୃଷ୍ଠା-୪ ର ଅବଶିଷ୍ଟାଂଶ)

ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ଲାଗିଥାଏ, ମାତ୍ର ବହୁତ କମ ସମୟରେ ୧୦୦୦ ବୀଜ ପିଣ୍ଡୁଳା ବା ବିହନ ବୋମା ତିଆରି ହୋଇପାରେ । ବିହନ ବୋମା ଗୁଡ଼ିକ ପ୍ରାୟ ୪୫ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ । ଏପରିକି ଆମେ ବିହନ ବୋମା ପଦ୍ଧତିରେ ଯେତିକି ମଞ୍ଜି ବୁଣୁ, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ ।

ବିହନ ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି:

ଆମ ଦେଶର ଅନେକ ଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣ କରି ଉପକୃତ ହେଉଛନ୍ତି । ଯେମିତି ଚେନ୍ନାଇରେ ୨୦୧୭ ମସିହାରେ ହୋଇଥିବା ବାତ୍ୟା 'ବରଧା' ପାଖାପାଖି ୧ ଲକ୍ଷ ଗଛକୁ ମୂଳରୁ ଉପାଡ଼ି ଭାଙ୍ଗି ଦେଇଥିଲା ଏବଂ ତାପରେ ବହୁତ ଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଂଟା ଭିଡ଼ିଥିଲେ । ବିଭିନ୍ନ ସଂସ୍ଥା ମାନଙ୍କ ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣର ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ । ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ଖତ ସହ ମିଶାଇ ଗୋଟିଏ ବୋମା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ିନଯିବା ବା ପଶୁ ପକ୍ଷୀ ନଖାଇବା ପାଇଁ ସୁରକ୍ଷା ଦେଉଥିଲା । ଏବେ ଏବେ ତେଲେଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନଃରୁଦ୍ଧାର ପାଇଁ ଡ୍ରନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବା ପାଇଁ ଯାଉଛନ୍ତି । ଏହାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ନିକ୍ଷେପ କରାଯାଇପାରିବ । ହରିୟାନାର ବନ ବିଭାଗ ମଧ୍ୟ ଆଇ.ଆଇ.ଟି., କାନପୁର ଦ୍ୱାରା ନିର୍ମିତ ଡ୍ରନ ମାଧ୍ୟମରେ ବିହନ ବୋମା ବର୍ଷାକରି ଆରବଲୀ ପର୍ବତ ଶ୍ରେଣୀର ଦୁର୍ଗମ ଅଂଚଳରେ ଜଙ୍ଗଲ ସମ୍ପଦର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏହି ଡ୍ରନ ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ ରୁ ୩୦,୦୦୦ ମଞ୍ଜି ବୁଣାଯାଇପାରିବ । ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତି ପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି ଏବଂ ସହରାଂଚଳରେ ବାସ କରୁଥିବା ଛାତ୍ରୀ ଛାତ୍ର ଓ ଲୋକ ମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ଇଂଟରନେଟ ବ୍ଲଗ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ଲୋକମାନେ ନିଜ ଘର ଚାରିପାଖେ ସୁଜିମାମୟ ପରିବେଶ ସୃଷ୍ଟି କରି ପାରୁଛନ୍ତି । ଓଡ଼ିଶାରେ ମଧ୍ୟ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ଅବିବୃଦ୍ଧି ପାଇଁ ୨୦୧୫ ମସିହା ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରି ଆସୁଛନ୍ତି । ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ କରିବା ଉଦ୍ଦେଶ୍ୟରେ ହାତୀ ମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବାପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି । ଆଗାମୀ ଦିନ ମାନଙ୍କରେ ଆମ ଓଡ଼ିଶା ସରକାର ମଧ୍ୟ ବନୀକରଣରେ ବିହନ ବୋମା ପଦ୍ଧତିକୁ ପ୍ରାଧାନ୍ୟ ଦେଇ ଆପଣାଇଲେ ଜଙ୍ଗଲ ସମ୍ପଦର ବୃଦ୍ଧି ହେବାସହିତ ବିପୁଳ ପରିମାଣର ରାଜସ୍ୱ ସଂଚୟ ହୋଇପାରିବ ।

ବନ ଗବେଷକ, ଓ.ୟୁ.ଏ.ଟି.
ମୋ: ୮୦୧୮୧୮୮୧୨୮

ଜଟଣୀରେ ଜମି ମାଲିକଙ୍କୁ ତୁରନ୍ତ ଜମି ଫେରାଇବା ପାଇଁ ଦାବି

ଭୁବନେଶ୍ୱର,୨୦।୮ (ନି.ପ୍ର): ୨୦୧୨ ମସିହାରେ ସେଟଲମେଂଟ ଅଫିସରଙ୍କ ଭୁଲ୍ ନିଷ୍ପତି ଯୋଗୁଁ ଜଟଣୀ ମ୍ୟୁନିସିପାଲିଟି ତଥା ବେରୁଆଁ, ବାଇରଙ୍ଗ, ନିରଞ୍ଜନପୁର, ବୁଜାପଡା, ଭଁଅସ, ହରିରାଜପୁର, କନ୍ତିଆ, କୁଦିଆରୀ, ବଅଙ୍ଗ, ରଥିପୁର, ଜଟଣୀ, କୁସୁମାଟି, ଛଣଘର, ଓଗରସୁଆଁ, ରାମଚନ୍ଦ୍ରପୁରର ୧ ଲକ୍ଷ ୭୨ ହଜାର ଲୋକଙ୍କର ନିଜସ୍ୱ ଘରବାଡି ଡିହ, ବିଲ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଯାଇଛି । ସେଥିପାଇଁ ଏଥି ଅଂଚଳର ସାଧାରଣ ଜନତା ଜମି ଖର୍ଦ୍ଦି କି ବିକ୍ରୀ କରିପାରୁ ନାହାନ୍ତି । ଏହି ଜମିଜମାର ଅସଲ ମାଲିକଙ୍କୁ ନିଜର ଭୂସଂପତି ଫେରାଇ ଦିଆଯାଉ ବୋଲି ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ସୁରେଶ କୁମାର ରାଉତରାୟ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଜଟଣୀ ଓ ଭୁବନେଶ୍ୱରର କିଛି ଅନ୍ୟଦଳର କର୍ମୀ ଓ ନେତା କଂଗ୍ରେସ ଦଳରେ ଯୋଗ ଦେଇଥିଲେ । ସଂଗ୍ରାମ ସାମଲ ଓ ବନ୍ଧନ କୁମାର ଛୋଟରାୟଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ କଂଗ୍ରେସର ନୀତି ଆଦର୍ଶକୁ ପାଥେୟ କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱକୁ ଭରସା କରି ଦଳରେ ଯୋଗଦେଇଥିଲେ । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ଫଂଚାନନ କାନୁନ୍‌ଗୋ, ଶୁଭେନ୍ଦୁ ମହାନ୍ତି, ଜ୍ଞାନଦେବ ବେଉରା, ସୁଦର୍ଶନ ଦାସ, ମନୋରଞ୍ଜନ ଦାସ, ମନ୍ମଥ ରାଉତରାୟ, ଚିନ୍ମୟ ସୁନ୍ଦର ଦାସ, ଜୟକୃଷ୍ଣ ମଲିଆ, କୁନା ମୁଦୁଲି, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଗଣଶିକ୍ଷା ବିଭାଗରେ ବ୍ୟାପକ...

କରି ମାର୍ଚ୍ଚ ୭ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଲେ । କିନ୍ତୁ ଏହି ରିପୋର୍ଟ ରାଜ୍ୟ ନୋଡାଲ ଅଫିସରଙ୍କ ପାଖକୁ ଗଲା ନାହିଁ । ପ୍ରଥମ ତଦନ୍ତ ରିପୋର୍ଟକୁ ଚପେଇ ଦେବା ଯୋଗୁଁ ରାଜ୍ୟ ନୋଡାଲ ଅଫିସର ପୁନଃ ତଦନ୍ତ କରିବା ପାଇଁ ୧୭ ଜୁନ୍ ୨୦୨୦ରେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ଯେ, ମଣ୍ଡଳ ଶିକ୍ଷା ଅଧିକାରୀ ଘଟଣାକୁ ଚପାଇ ଦେବା ପାଇଁ ଅପଚେଷ୍ଟା କରିଛନ୍ତି । ଏହି ଘଟଣାରେ ସଂପୃକ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ମାହାଙ୍ଗା ବ୍ଲକରେ ଥିବା ଗୋକନ ହାଇସ୍କୁଲର ଜମି ପଟ୍ଟାକୁ ମିଥ୍ୟା ଦର୍ଶାଯାଇ ସେଠାରେ ସରକାରୀ ବିଦ୍ୟାଳୟ ପାଇଁ ଅନୁମତି ଅଣାଯାଇଛି । ଗତ ୨୦୧୫ରେ ଗୋକନ ହାଇସ୍କୁଲକୁ ରାଜ୍ୟ ସରକାର ଗ୍ରାଂଟଏଡ ପ୍ରଦାନ କରିଥିଲେ । ବେଆଇନ ଭାବେ ବିଦ୍ୟାଳୟ ନିର୍ମାଣ ହେଇଥିବା ନେଇ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ପଠାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଗତ ୨୩ ଜୁଲାଇ ୨୦୧୬ ମସିହାରେ ବିଦ୍ୟାଳୟର ପ୍ଲଟ ନଂ -୧୧୭୮ ଖାତା ନଂ- ୮୬୮ ଗୋକନ ମୌଜାର ବୋଲି ଦର୍ଶାଇଥିଲେ । କିନ୍ତୁ ବାସ୍ତବରେ ଏହି ପ୍ଲଟରେ କୌଣସି ଗୋକନ ହାଇସ୍କୁଲ ନିର୍ମାଣ ହୋଇନାହିଁ । ଏହି ଜାଲ୍ ପଟ୍ଟାରେ ସେକ୍ରେଟାରୀ ଗୋକନ ସ୍କୁଲ ଲେଖାଯାଇଛି କିନ୍ତୁ ପ୍ଲଟ ଉପରେ ଏକ ଫଂଚାୟତ ଗୋଦାମ ଘର ରହିଛି ଏବଂ ଏହା ଏକ ଘରୋଇ ଜମି । ଏପରି ଏକ ମିଥ୍ୟା ଓ ଜାଲ୍ ପଟ୍ଟା ଦେଇ ସ୍କୁଲକୁ ମଂଜୁରୀ ଦିଆଯାଇଛି ।ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓ ଶିକ୍ଷା ମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ପ୍ରଧାନ ଦାବୀ କରିଛନ୍ତି । ଆଗାମୀ ଦିନରେ ବିଜେପି ରାଜ୍ୟସରକାରଙ୍କ ସମସ୍ତ ବିଭାଗରେ ହୋଇଥିବା ବ୍ୟାପକ ଦୁର୍ନୀତି ଏବଂ ଘୋଟାଲାକୁ ପର୍ଦ୍ଦାଫାଶ କରିବ । ଶିକ୍ଷାମନ୍ତ୍ରୀ ତୁରନ୍ତ ଏହି ସବୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ । ଦୁର୍ନୀତି କରିଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ବିଜେପି ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପ୍ରଧାନ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ ।

ରାଜ୍ୟର ଦୁର୍ଗମ...

ଓଡ଼ିଶାର ୧୬ଟି ଜିଲ୍ଲାର ୩୨୯୧ ଗ୍ରାମ ଫଂଚାୟତକୁ ବିଶ୍ୱର ସର୍ବବୃହତ ଗ୍ରାମୀଣ ବ୍ରଡବ୍ୟାଣ୍ଡ୍ ସଂଯୋଗ ପ୍ରକଳ୍ପ ଭାରତନେଟ୍ ଜରିଆରେ ଅପଟିକାଲ୍ ଫାଇବର୍ କେବୁଲ ସହ ଯୋଡ଼ା ହୋଇଛି । ଏହାଦ୍ୱାରା ଏହି ଗ୍ରାମାଂଚଳର ଲୋକମାନେ ହାଇ ସ୍ପିଡ୍ ଇଂଟରନେଟର ସୁବିଧା ପାଇପାରିବେ । ସେହିପରି ୬୫୦ରୁ ଉର୍ଦ୍ଧ୍ୱ ଇଣ୍ଡିଆ ପୋଷ୍ଟ୍ ପେମେଂଟ ବ୍ୟାଙ୍କ୍ କେବଳ ଓଡ଼ିଶାର ଦୁର୍ଗମ ଅଂଚଳର ଲୋକମାନଙ୍କୁ ବ୍ୟାଙ୍କିଂ ସୁବିଧା ଯୋଗାଉନାହିଁ ବରଂ ଏହା ସମଗ୍ର ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିବା ଦିଗରେ କାମ କରୁଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଡିଜିଟାଲ୍ ଇଣ୍ଡିଆ' ପଦକ୍ଷେପ ପାରଦର୍ଶୀ ଶାସନର ଯୁଗ ଆରମ୍ଭ କରିବା ସହ ସରକାରଙ୍କୁ ଲୋକଙ୍କ ନିକଟରେ ଅଧିକ ଉତରଦାୟୀ କରିଛି । ଏହାସହ ୧୩୦ କୋଟି ଭାରତୀୟଙ୍କ ଜୀବନଶୈଳିକୁ ପରିବର୍ତ୍ତନ କରିବାରେ ବଡ଼ ଭୂମିକା ଗ୍ରହଣ କରିପାରିଛି । ଲୋକଙ୍କ ଜୀବନଶୈଳିକୁ ସୁବିଧା ଯୋଗାଇବା ସହ ଜନସେବା ବିତରଣ କାମକୁ ମଧ୍ୟ ତ୍ୱରାନ୍ୱିତ କରିଛି । ଏହାସହ ଡିଜିଟାଲ୍ ଟେକ୍ନୋଲୋଜି ମାଧ୍ୟମରେ ଦୁର୍ନୀତିକୁ ରୋକିବା ଏବଂ ବିଶେଷତଃ ସ୍ୱାସ୍ଥ୍ୟ ସେବା, ଶିକ୍ଷା ପ୍ରଦାନ କରିବା ଭଳି ଅନେକ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ଭାରତ ନିର୍ମାଣ କରିବା ଦିଗରେ ଅଗ୍ରସର ହେଉଛି । ବିଶ୍ୱ କରୋନା ପରବର୍ତ୍ତୀ ସମୟରେ ଡିଜିଟାଲ୍ ଇଣ୍ଡିଆ ଗେମ୍-ଚେଞ୍ଜର୍ ଭାବେ ଉଭା ହେବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ଏବଂ କେନ୍ଦ୍ର ଟେଲିକମ୍ ଓ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଉଦ୍ୟମ ଆତ୍ମନିର୍ଭର ଭାରତ ପାଇଁ ଡିଜିଟାଲ ନବସୃଜନର ଏକ ଢାଂଚା ପ୍ରସ୍ତୁତ କରିବା ସହ ପ୍ରତ୍ୟେକ ରାଜ୍ୟକୁ ସୁବିଧା ଯୋଗାଉଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

ସ୍ୱଚ୍ଛ ସର୍ବେକ୍ଷଣରେ...

ଅପରପକ୍ଷରେ ଓଡ଼ିଶାର ୬ଟି ସହର-ପାରାଦୀପ, ବଡ୍‌ବିଲ୍, ଢେଙ୍କାନାଳ, ରାଜଗାଙ୍ଗପୁର, ବ୍ୟାସନଗର ଓ ଚୌଦ୍ୱାରକୁ ୫୦ ହଜାର-୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପର୍ଯ୍ୟାୟରେ ପୂର୍ବାଂଚଳର ଶ୍ରେଷ୍ଠ ୨୦ଟି ସହର ମଧ୍ୟରୁ ମନୋନୀତ କରାଯାଇଛି ।

ତେଲେଙ୍ଗାନାରେ ଗତ ୨୪...

୨୪ ଘଂଟାରେ ୧,୧୯୫ କରୋନା ରୋଗୀ ଚିକିତ୍ସା ପରେ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି, ଏବେ ସୁଦ୍ଧା ସମୁଦାୟ ୭୫,୧୮୬ ରୋଗୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି । ବର୍ତମାନ ସୁଦ୍ଧା ରାଜ୍ୟରେ ୨୧,୫୦୯ ସକ୍ରିୟ ମାମଲା ରହିଛି । ଯେଉଁଥିରୁ କି ୧୫,୦୭୬ ଅଲଗାଓଁରୁ ଅଛନ୍ତି । ନୂତନ କରୋନା ବୁଲେଟିନ ଅନୁସାରେ ୩୯୫ ନୂଆ ମାମଲା ଆସିଛି । ୧୬୯ ନୂଆ ମାମଲା ରଂଗାରେଡ଼ି ଜିଲ୍ଲା, ୧୦୫ ମେଡ଼ଚଲ ଏବଂ ୧୦୧ ମାମଲା କରିମନଗରରୁ ସାମନାକୁ ଆସିଛି ।

ପ୍ରଶାନ୍ତ ଭୂଷଣଙ୍କ ସପକ୍ଷରେ ଆଲୋଚନାଚକ୍ର

ବାଲେଶ୍ୱର,୨୦।୮ (ନି.ପ୍ର): ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ସାମାଜିକ କର୍ମୀ ପ୍ରଶାନ୍ତଭୂଷଣଙ୍କୁ ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି ଦେଶର ସୁପ୍ରିମ କୋର୍ଟ। ଦେଶର ସଂବିଧାନ ପ୍ରଦତ୍ତ ମାନବିକ ଅଧିକାର ସପକ୍ଷରେ ବିଭିନ୍ନ ଅଦାଲତରେ ଲଢ଼େଇକରି ପ୍ରଶାନ୍ତଭୂଷଣ ଶାସକ ଦଳର ଆକ୍ରୋଶର ଶୀକାର ହୋଇଛନ୍ତି। ତେଣୁ ପ୍ରଶାନ୍ତଭୂଷଣଙ୍କୁ ଦଣ୍ଡବିଧାନ କରି ସ୍ୱାଧୀନମତ ବ୍ୟକ୍ତ କରିବାର ଅଧିକାରକୁ ମାନ୍ୟବର ସୁପ୍ରିମକୋର୍ଟ ସଂକୁଚିତ କରୁଛନ୍ତି ବୋଲି 'ଆମେ ଭାରତବାସୀ'ସଂଗଠନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ତେଣୁ ଏହି ଆଦେଶର ପୁନଃବିଚାର ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ସ୍ଥାନୀୟ ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଂଗଠନର ଆବାହକ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ବାମପନ୍ଥୀ ଦର୍ଶନର ପ୍ରବକ୍ତା ସନ୍ତୋଷ ଦାସ ଯୋଗଦେଇ ଶାସକଦଳକୁ ସୁହାଇଲାଭଳି ଅଦାଲତମାନଙ୍କ କେତେକ ଆଦେଶକୁ ଦୃଷ୍ଟାନ୍ତମୂଳକ ଭାବେ ଉପସ୍ଥାପିତ କରିଥିଲେ। ପ୍ରଶାନ୍ତଭୂଷଣଙ୍କ ସପକ୍ଷରେ ଦେଶର ବହୁ ବିଚାରପତି, ସଂବିଧାନବିତ୍, ଆଇନଜୀବି ଓ ସାମାଜିକ ସଂଗଠନମାନେ ସୁପ୍ରିମକୋର୍ଟଙ୍କ ଆଦେଶର ପୁନଃବିଚାର ଓ ସମୀକ୍ଷା ପାଇଁ ଲିଖିତ ଆବେଦନ କରିଥିବା ବକ୍ତାମାନେ ପ୍ରକାଶ କରିଥିଲେ। ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିଭାବେ ଆଇନଜୀବି ଭାଗବତ ପ୍ରତିହାରୀ, ସେଖ୍ ଅବଦୁଲ୍ ରଫିକ୍, ଉତ୍ପଳ ମହାନ୍ତି, ସେକ୍ ଆକବରଉଦ୍ଦିନ୍, ଅଶୋକ ସେନାପତି, ଦୀପକ ଦାସ ଓ ନିରଞ୍ଜନ ପରିଡ଼ା ପ୍ରମୁଖଙ୍କ ସମେତ ଶିଶିର ହୁଇ, ବିକ୍ରମ ପଣ୍ଡା, ନିର୍ମଳ ନାୟକ, ଅର୍ଚ୍ଚନା ନନ୍ଦୀ, ତାପସୀ ପ୍ରହରାଜ, ବନ୍ଦନା ବିଶ୍ୱାସ ଓ ଲକ୍ଷ୍ମୀଧର ଗିରି ପ୍ରମୁଖ ଆଲୋଚନାରେ ପ୍ରଶାନ୍ତଭୂଷଣଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପିତ କରିଥିଲେ। ଶ୍ରମିକନେତା ତଥା ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶ୍ୟାମସୁନ୍ଦର ଜେନା ଶରତ ଚନ୍ଦ୍ର ଦଳାଇ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଶଶିକାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

୨ଟି ସ୍ଥାନରୁ ଚୋରୀ : ଛମୌଜ ରାଣୀବଜାର ଅଳଙ୍କାର ଦୋକାନରୁ ପୋଛିନେଲେ

ଜଳେଶ୍ୱର,୨୦।୮ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପି ମୋହନପୁର ପଂଚାୟତ ଛମୌଜ ରାଣିବଜାରଠାରେ ଏକ ଅଳଙ୍କାର ଦୋକାନରୁ ସବୁ ଅଳଙ୍କାର ଗତ ରାତିରେ ଚୋରୀ ହୋଇଥିବା ଜଣାଯାଇଛି । କମଳା ଜୁଏଲାର୍ସ ଅଳଙ୍କାର ଦୋକାନର ମାଲିକ ମନତୋଷ କାମିଳା ସଂଧ୍ୟାରେ ଦୋକାନ ବନ୍ଦ କରି ଯାଇଥିବା ବେଳେ ଗତ ରାତିରେ ୪ଜଣ ଦୁବୃତ୍ତ ଚୋରୀ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାଯାଇଛି । ଏଜ୍‌ବେଷ୍ଟ ଭାଂଗି ମାଟିଛାତ ଖୋଳି ସିଲିଂ ନଷ୍ଟ କରି ଦୁବୃର୍ତ୍ତମାନେ ମଧ୍ୟରାତ୍ରିରେ ପ୍ରାୟ ୨୦ହଜାର ଟଙ୍କା ମୂଲ୍ୟର ରୂପା ଅଳଙ୍କାର ଓ ୫ହଜାର ନଗଦ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ପ୍ରକାଶଯୋଗ୍ୟ ଏହି ରାଣୀ ବଜାରରୁ ବାରମ୍ବାର ଚୋରୀ ହେଉଥିଲେ ମଧ୍ୟ ପୋଲିସ୍ ଜାଣିପାରୁନଥିବାରୁ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାରେ ପୋଲିସ୍ ପେଟ୍ରୋଲିଂ ଲାଗି ଦାବି ହେଉଛି । କିଛିମାସ ପୂର୍ବରୁ ଏକ ଇଲେକ୍ରି ଦୋକାନରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର ସରାମ ଦୁବୃର୍ତ୍ତମାନେ ନେଇଯାଇଥିଲେ । ଜଳେଶ୍ୱର ପୌରପାଳିକାର ୧୨ନଂ ୱାର୍ଡ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ନିକଟସ୍ଥ ସାମ୍ବାଦିକା କବିତା ବାଳା ମାନ୍ଧାତାଙ୍କ ଘରୁ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ସିସିଟିଭି ଫୁଟେଜ୍ ଲାଗିଥିବାରୁ ଦୁବୃର୍ତ୍ତମାନେ ପ୍ରଥମେ ଘର ଆଗକୁ ଆସି ପରେ ତାହା ଜାଣିପାରି ପଛପଟ ଝରକାଭାଂଗି ତାଙ୍କ ଘର ଓ ତାଙ୍କ ଭାଇ ସୁବ୍ରତ ଚନ୍ଦଙ୍କ ଘରୁ ବିଭିନ୍ନ ଦାମୀ ଆସବାପତ୍ର ଚୋରୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି ।

ରଂଜନ କୁମାର ଦାସ ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି

ବାଲେଶ୍ୱର,୨୦।୮ (ନି.ପ୍ର): ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିବା ଛାତ୍ରନେତା ରଂଜନ କୁମାର ଦାସଙ୍କୁ ଏବେ ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଂଜନ ଲେଙ୍କା। ଓଡ଼ିଶାର ୩୦ ଗୋଟି ଜିଲ୍ଲା ପାଇଁ ସଭାପତି ନିଯୁକ୍ତ କରିଥି

ଶୁକ୍ରବାର,୨୧ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜିଲ୍ଲାରୁ ଚିହ୍ନଟ ହେଲେ ନୂଆ ୧୦୭ ଆକ୍ରାନ୍ତ: ମୋଟ ସଂଖ୍ୟା୧୮୪୧କୁ ବୃଦ୍ଧି

ଭଦ୍ରକ,୨୦।୮ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ନୂଆ ୧୦୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ପରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୪୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୦୨୯ଜଣ ସୁସ୍ଥ ହୋଇଥିବା ବେଳେ ବାକି ୮୦୬ଜଣ ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ଜଣେ ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହି ଟିଏମ୍‌ସିର ହୋଇଥିବା ବେଳେ ୨ଜଣ ବାସୁଦେବପୁର ପୌରପାଳିକା ବେତଡା ଟିଏମ୍‌ସିର। ଧାମନଗର ବ୍ଲକ ସାହାସପୁର ଗ୍ରାମର ଜଣେ କଟକ ବଡ ଡାକ୍ତରଖାନାରେ ଚିକିତ୍ସା ହେଲା ବେଳେ ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବ୍ଲକ କୋଠାର ପଞ୍ଚାୟତରୁ ୧୬ଜଣ, ବୟାଙ୍ଗଡିହି ପଞ୍ଚାୟତରୁ ୬ଜଣ, ଧୁଷୁରୀ ପଞ୍ଚାୟତରୁ ୯ଜଣ, ବମକୁରାରୁ ୨ଜଣ, ଭଦ୍ରକ ବ୍ଲକର କୋରକୋରା ପଞ୍ଚାୟତରୁ ୩ଜଣ, ଅଣ୍ଟେଇପଲ୍ଲୀରୁ ଜଣେ, ଜଳଙ୍ଗାରୁ ଜଣେ, ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତରୁ ୮, ଅଜୁଆଁ ପଞ୍ଚାୟତରୁ ୩, ବ୍ରାହ୍ମଣୀଗାଁରୁ ଜଣେ, ନରସିଂହପୁରରୁ ଜଣେ, ଚୁଡାମଣିରୁ ଜଣେ, ଗୁଆଗଡିଆରୁ ଜଣେ, ବାଲିମେଦରୁ ୨ଜଣ, ବାଲିମୁଣ୍ଡାରୁ ଜଣେ, ଇରମରୁ ଜଣେ, ନାୟକାଣିଡିହିରୁ ଜଣେ, ନୂଆଗାଁ ପଞ୍ଚାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରୀରୁ ୨, ଗୋପାଳପୁରରୁ ଜଣେ, ୧୫ ନଂ ୱାର୍ଡରୁ ୨ଜଣ, ୧୮ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତରୁ ୮, ଓଡଙ୍ଗ ପଞ୍ଚାୟତରୁ ୩ଜଣ, ବନ୍ତ ପଞ୍ଚାୟତରୁ ୨ଜଣ, ମହାନ୍ତିପଡାରୁ ୩ଜଣ,ଗୋବିନ୍ଦପୁରରୁ ଜଣେ, ଚାରିଗାଁରୁ ଜଣେ, ରାମଚନ୍ଦ୍ରପୁରରୁ ଜଣେ, ବିଟିପୁରରୁ ଜଣେ, ଗୋପୀନାଥପୁରରୁ ଜଣେ, ତିହିଡି ବ୍ଲକ ଭାଟପଡା ପଞ୍ଚାୟତରୁ ୬, ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତରୁ ୪, ଜଳେଶ୍ୱରପୁର ପଞ୍ଚାୟତରୁ ଜଣେ, ଗୋପିନାଥପୁର ପଞ୍ଚାୟତରୁ ଜଣେ, ତେନ୍ତୁଳିଡିହିରୁ ଜଣେ, ଭଦ୍ରକ ପୌରପାଳିକା ୮ନଂ ୱାର୍ଡରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ କୁରିଗାଁରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି।

ଦିନକରେ ୧୪୦ କରୋନା ପଜିଟିଭ୍ ଚିହ୍ନଟ: ଅଢ଼େଇ ହଜାର ଟପିଲା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨୦।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୩୮ରେ ପହଞ୍ଚିଛି। ଅଦ୍ୟାବଧି ୧୫୩୮ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୮୭ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୮ରେ ସ୍ଥିର ରହିଛି। ତେବେ ଆଜି ଚିହ୍ନଟ ହୋଇଥିବା ୧୪୦ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୩୫ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି। ତେବେ ସଦର ବ୍ଲକ ରୂପସା ତାହାରପୁରରୁ ୬ ଜଣ, ବାଲିଆପାଳ ବ୍ଲକ କୁମ୍ଭାରୀରୁ ୩ ଜଣ, ସୋର ବ୍ଲକ ଦୟାନିଧିପୁରରୁ ୪ ଜଣ, ବାଲେଶ୍ୱର ସହରର ମାଣିଖମ୍ବରୁ ୩ ଜଣ ଓ ସହଦେବଖୁଣ୍ଟାରୁ ୭ ଜଣ ଏକକାଳୀନ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣର ସ୍ଥିତିକୁ ସଙ୍ଗୀନ କରିଛି। ସେହିଭଳି ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଡାକ୍ତର ସଂକ୍ରମିତ ହୋଇଛନ୍ତି। ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି କରୋନା ପଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଧଳାଜହର ଅଡିଓ ଭାଇରାମ ମାମଲା : ଜଳେଶ୍ୱରରେ କ୍ରାଇମ୍‌ବ୍ରାଞ୍ଚ ଟିମ୍

ଜଳେଶ୍ୱର,୨୦।୮ (ନି.ପ୍ର): ବହୁ ଚର୍ଚ୍ଚିତ ଜଳେଶ୍ୱରରେ ବ୍ରାଉନ୍‌ସୁଗର କାରବାର ପେଣ୍ଡୁଲି ପାଲଟିଥିବା ବେଳେ ଏହାକୁ କେତେକ ଅଧିକାରୀ ପ୍ରାସ୍ରାହନ ଦେବା ଓ ଘଣ୍ଟ ଘୋଡାଇବାଭଳି ଘଟଣା ଦୃଷ୍ଟିକୁ ଆସିଛି। ଜଳେଶ୍ୱରରେ ଥାନା ପୂର୍ବତନ ଆଇଆଇସି ଜଣେ ଧଳା ଜହର ବ୍ୟବସାୟୀସହ ଫୋନରେ ଆଲୋଚନା ବେଳେ ଧଳାଜହର କାରବରରେ ସଂପୃକ୍ତ ଏକ ୪ଚକିଆ ଓ ଅନ୍ୟ ୨ଚକିଆ ଯାନ ନେବା ଲାଗି ଡିଲ ହୋଇଥିବା ସଂପର୍କରେ ଅଡିଓ ଭାଇରାଲ ହୋଇଥିଲା। ଗଣମାଧ୍ୟମରେ ଏହା ପ୍ରକାଶିତ ହେବାପରେ ବିଭିନ୍ନ ଅଂଚଳରୁ ଖାକି ପୋଷକ ପ୍ରତି ଛିଟା ଲାଗିଥିଲା। ଏଥିନେଇ ବହୁ ସଂଗଠନ ଏପରିକି ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ କ୍ରାଇମ୍ ବ୍ରାଞ୍ଚକିମ୍ବା ସିବିଆଇ ତଦନ୍ତ ଲାଗି ଦିବା କରାଯାଇଥିଲା। ଆଜି ଗୁରୁବାର ଅପରାହ୍ନ ୩ଟାରେ କ୍ରାଇମ୍‌ବ୍ରାଞ୍ଚର ୩ଜଣିଆ ଟିମ୍ ଜଳେଶ୍ୱରରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ଥାନାରେ ଥିବା ଜଣେ ଏସ୍‌ଆଇଙ୍କ ସହ ପ୍ରାୟ ୧ଘଣ୍ଟା ଜେରା କରିବାପରେ ଜଳେଶ୍ୱର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଏଥିରେ ଜଣେ ଇନିସ୍‌ପେକ୍ଟର ଓ ଜଣେ ସବ୍ ଇନିସ୍‌ପେକ୍ଟର ଥିବା ଜଣାଯାଇଛି। ସମ୍ବାଦ ଲେଖା ହେବାପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ରହି ତଦନ୍ତ ଚଳାଇଥିବା ଜଣାଯାଇଛି। ଏହା ଜଳେଶ୍ୱରରେ ଆଲୋଚ୍ୟର ବିଷୟ ହୋଇଛି।

କର୍ଣ୍ଣାଟକ ବିଧାନମଣ୍ଡଳର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୧ରୁ

ବେଙ୍ଗାଲୁରୁ,୨୦।୮ (ନି.ପ୍ର): କର୍ଣ୍ଣାଟକ ବିଧାନମଣ୍ଡଳର ମୌସୁମୀ ଅଧିବେଶନ ଆଗାମୀ ସେପ୍ଟେମ୍ବର ୨୧ ତାରିଖ ଦିନ ଠାରୁ ଆରମ୍ଭ ହେବ। ଏହା ୩୦ ସେପ୍ଟେମ୍ବର ଯାଏ ଏହା ଚାଲିବ। ରାଜ୍ୟ ମନ୍ତ୍ରିମଣ୍ଡଳରେ ଆଜି ଏହି ନିଷ୍ପତି ନିଆ ଯାଇଛି। ତେବେ ଏହି ଅଧିବେଶନ କରୋନା ପାଇଁ କେଉଁଠାରେ ହେବ ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇ ନାହିଁ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୯,୬୫୨ ନୂଆ ମାମଲା: ୯୭୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୦।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୯,୬୫୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଗତ ୨୪ ଘଂଟା ମଧ୍ୟରେ ୯୭୭ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮,୩୬,୯୨୬ ରେ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୮୬,୩୯୫ ସକ୍ରିୟ ରୋଗୀ ଅଛନ୍ତି। ଦେଶରେ ମୋଟ ୨୦,୯୬,୬୬୫ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ବର୍ତମାନ ସୁଦ୍ଧା ୫୩୮୬୬ ଜଣ ମୃତ୍ୟୁ ବରଣ କରିଛନ୍ତି।

ରାୟଗଡ଼ା ଜିଲ୍ଲାରେ ଆଜି ପୁଣି ୧୦୫ ଚିହ୍ନଟ ଓ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୬୬୨ ଛୁଇଁଲା

ରାୟଗଡ଼ା ,୨୦।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁ ହୁ ହୋଇ ବିସ୍ତାର କରିବାରେ ଲାଗିଛି। ଆଜି ଚିହ୍ନଟ ହୋଇଥିବା ୧୦୫ ଆକ୍ରାନ୍ତଙ୍କ ମଧ୍ୟରୁ ୬୩ ପୁରୁଷ ଥିବା ବେଳେ ୪୨ ଜଣ ମହିଳା ଅଛନ୍ତି। ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ୬୪ ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ଆହ୍ଲାବାଦରୁ ଆସିଥିବା ସୂଚନା ମିଳିଛି। ଏଥିସହିତ ୩ ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି। ରାୟଗଡ଼ା ପୌରାଞ୍ଚଳରୁ ୧୧, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୯ ଗୁଣପୁର ପୌରାଞ୍ଚଳରେ ୨ ଏବଂ ଗୁଣପୁର ଗ୍ରାମାଞ୍ଚଳରୁ ୨, କୋଲନରାରୁ ୩, ବିଷମକଟକରୁ ଜଣେ, ମୁନିଗୁଡ଼ାରୁ ୧୪, କଲ୍ୟାସିହପୁରରୁ ୧୯, ଚନ୍ଦ୍ରପୁରରୁ ୧୦, ଗୁଡ଼ାରୀରୁ ୧୯, ପଦ୍ମପୁରରୁ ୧୯, ରାମନଗୁଡ଼ାରୁ ୪ ଏବଂ କାଶିପୁରରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ୍ ୨୬୬୨ରେ ପହଞ୍ଚି ସାରିଛି। ଏବଂ ୧୪୪୭ ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି। ୧୧୯୮ଜର ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ସହ ଘରୋଇ ସଙ୍ଗରୋଧରେ ମଧ୍ୟ ରହି ଚିକିତ୍ସିତ ହେଉଛନ୍ତି।

ବୈତରଣୀ ନଦୀ ଜଳସ୍ତରରେ ବୃଦ୍ଧି : ସର୍ବେକ୍ଷଣ କଲେ ଜିଲ୍ଲାପାଳ

ଭଦ୍ରକ,୨୦।୮ (ନି.ପ୍ର): ଲଘୁଚାପ ଜନିତ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀର ଜଳ ସ୍ତରରେ ବୃଦ୍ଧି ଘଟିଛି। ଆଗାମୀ ସମୟର ସମ୍ଭାବ୍ୟ ବନ୍ୟା ସ୍ଥିତିର ଆକଳନ ପାଇଁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଖୁଆପଦା ଯାଇ ନଦୀର ଜଳପତ୍ତନର ସ୍ଥିତି ସର୍ବେକ୍ଷଣ କରିଛନ୍ତି। ବନ୍ୟା ପରିସ୍ଥିତି ନେଇ ଜଳସେଚନ ବିଭାଗର ସୁପରିଟେଣ୍ଡେଣ୍ଟ ଇଂଜିନିୟର, ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର, ଭଣ୍ଡାରିପୋଖରୀ ବ୍ଲକ ବିଡିଓ, ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ବୈତରଣୀ ନଦୀର ଜଳପତ୍ତନ ଆଖୁଆପଦା ଠାରେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ଆଖୁଆପଦା ଠାରେ ନଦୀର ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୬ଟା ସମୟରେ ସେଠାରେ ନଦୀର ଜଳସ୍ତର ୧୭.୭୩ ମିଟର ରହିଛି। ଗତ ୨୪ ଘଣ୍ଟାରେ ଚଣ୍ଡୁଆ ଠାରେ ୭୨ ମିମି, କେନ୍ଦୁଝରରେ ୫୨.୮୦, ସ୍ୱାମପାଟଣାରେ ୪୮.୮୦, ଠାକୁରମୁଣ୍ଡା ଠାରେ ୭୧, ଆନନ୍ଦପୁରରେ ୯୪.୨୦, ଆଖୁଆପଦା ଠାରେ ୧୫୬.୪୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନ୍ୟ ପକ୍ଷରେ ଭଦ୍ରକ ଜିଲ୍ଲାର ଭଦ୍ରକରେ ୫୨ ମିମି, ଭଣ୍ଡାରିପୋଖରୀରେ ୧୭୮, ବାସୁଦେବପୁରରେ ୪୧, ଚାନ୍ଦବାଲିରେ ୮୯.୩, ଧାମନଗରରେ ୮୩, ବନ୍ତରେ ୮୦, ତିହିଡିରେ ୭୪ ମିଲିମିଟର ବର୍ଷା ହୋଇଛି। ଲଗାଣ ବର୍ଷା ଜାରି ରହିଥିବାରୁ ବୈତରଣୀରେ ବନ୍ୟା ଆସିବାର ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଇ ଦିଆଯାଇଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକେ, ଝୁଣ୍ଟି ତଥା କଚ୍ଚା ଘରେ ରହୁଥିବା ଲୋକମାନେ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ଅନୁରୋଧ କରାଯାଇଛି। ଏଥି ସହିତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ମାନଙ୍କୁ ସମ୍ଭାବ୍ୟ ବନ୍ୟାକୁ ମୁକାବିଲା କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବନ୍ୟାର ସ୍ଥିତିକୁ ଲକ୍ଷ୍ୟ ରଖି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କୁ ଧାମନଗର ବ୍ଲକ ଓ ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କୁ ଭଣ୍ଡାରିପୋଖରୀ ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଧିକାରୀମାନେ ସଂପୃକ୍ତ ଅଞ୍ଚଳରେ ରହି ସ୍ଥିତି ଅନୁଧ୍ୟାନ କରିବା ସହିତ ବନ୍ୟା ଆସିଲେ ଏହାର ମୁକାବିଲା କରିବେ ବୋଲି ଜଣା ପଡିଛି।

ଦୁର୍ଗମ କୋଟସାହି ଗ୍ରାମ୍ୟ ରାସ୍ତା : ଗ୍ରାମବାସୀ ରୋଇଲେ ଧାନ

ଜଳେଶ୍ୱର,୨୦।୮ (ନି.ପ୍ର): ନବଗଠିତ କୋଟସାହି ଂଚାୟତର କେତେକ ରାସ୍ତା ରାଜନୈତିକ କାରଣରୁ ମରାମତି ହୋଇ ପାରୁନଥିବାରୁ ଦୁର୍ଗମ ରାସ୍ତାରେ ପରିଣତ ହୋଇଛି। କେତେକ ବ୍ୟକ୍ତି ବିଭିନ୍ନ କାରଣ ନେଇ ହାଇକୋର୍ଟର ଆଶ୍ରୟ ନେଉଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧାସୃଷ୍ଟି ହୋଇ ଆସୁଛି। କୋଟସାହି ଗ୍ରାମ୍ୟରାସ୍ତା ମରାମତି ହୋଇନପାରୁଥିବାରୁ ସେଥିରେ ପାଣି ଜମା ହେଉଛି ଧ କର୍ଦ୍ଦମାକ୍ତ ହେଉଛି। ଗ୍ରାମର କେତେକ ଲୋକ ଏହାର ପ୍ରତିବାଦ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ଧାନ ରୋଇବାର ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି।

ଉପରମୁଣ୍ଡ ପାଣିରୁ ଜଳକାରେ ବନ୍ୟା: ହଜାର ହଜାର ଏକର ଜମିର ଚାଷ ନଷ୍ଟ ଆଶଙ୍କା

ବାଲେଶ୍ୱର,୨୦।୮ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ଗତ କିଛିଦିନ ଧରି ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ହୋଇଥିବା ଲଗାଣ ବର୍ଷାରେ ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବାଲେଶ୍ୱରରେ କାଁ ଭାଁ ବର୍ଷାରେ ଜଳକା ନଦୀରେ ବନ୍ୟା ସ୍ଥିତି ଦେଖାଯାଇଛି। ଗତ ୨୪ ଘଣ୍ଟାରେ ବାଲେଶ୍ୱର ଜିଲ୍ଲାରେ ମାତ୍ର ୩୮ ମିଲିମିଟର ବର୍ଷା ହୋଇଥିବା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ସତ୍ତ୍ୱେ ଜଳକା ନଦୀରେ ଜଳ ପତ୍ତନ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜଳକା ନଦୀର ମଥାନୀ ରିଡିଂ ପଏଣ୍ଟ ଅନୁସାରେ ୫.୫୦ ମିଟର ବିପଦ ସୂଚନାଙ୍କ ଥିବା ବେଳେ ସଂଧ୍ୟା ସୁଦ୍ଧା ୬.୨୧ମିଟର ଉପରେ ଜଳ ପ୍ରବାହିତ ହେଉଛି। ନଦୀର ଜଳ ପତ୍ତନ ବୃଦ୍ଧି ଯୋଗୁଁ ପାର୍ଶ୍ୱସ୍ଥ ଅଞ୍ଚଳ ପାଣିଘେରରେ ଥିବା ବେଳେ ସଦର ଓ ବସ୍ତା ବ୍ଲକର ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପାଣି ଛାଡ଼ିବା ପରେ ତୁରନ୍ତ କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ମୟୂରଭଂଜ ଜିଲ୍ଲାରେ ହୋଇଥିବା ବର୍ଷା ଯୋଗୁଁ ଉପରମୁଣ୍ଡରୁ ପାଣି ଆସି ବାଲେଶ୍ୱରରେ ଜଳକା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଆସନ୍ତା ୨୪ ତାରିଖରେ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବା ବେଳେ ଏହାର ପ୍ରଭାବରେ ଭୀଷଣ ପର୍ଷା ହେବା ନେଇ ଆଶଙ୍କା ଦେଖାଦେଇଛି। ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ସେ କହିଛନ୍ତି।

ବର୍ଷା ବିପ୍ଳାତ : ମ୍ୟୁନିସିପାଲଟିର ବିଭିନ୍ନ ସ୍ଥାନ ଓ ଚାଷଜମି ପାଣି ଘେରରେ

ଜଳେଶ୍ୱର,୨୦।୮ (ନି.ପ୍ର): ଅଗଷ୍ଟ ମାସରେ ବର୍ଷା ଲାଗି ରହିବା, ଓ ଗତ ସପ୍ତାହ ମଧ୍ୟରେ ୨୮୦ ମିମି ବର୍ଷା ହୋଇଥିବାରୁ ମ୍ୟୁନିସିପାଲଟିର ବିଭିନ୍ନ ୱାର୍ଡ ଜଳଘେରାରେ ରହିଥିବାରୁ ଲୋକେ ଜଳବନ୍ଦିରେ ରହିଛନ୍ତି। ସେହିପରି କେତେକ ଂଚାୟତ ଜଳଘେରରେ ରହିଥିବାରୁ ହଜାର ହଜାର ଏକରା ଚାଷଜମି ପାଣିରେ ବୁଡି ରହିଛି। ଆଜି ଜିଲା ପ୍ରଶାସନ ଜଳେଶ୍ୱରରେ ପହଞ୍ଚି ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ରହିଛନ୍ତି। ଗତ ଜୁନ ଓ ଜୁଲାଇ ମାସରେ ବର୍ଷା ହଜି ଯାଇଥିବା ବେଳେ ଅଗଷ୍ଟ ମାସରେ ୩୬୭ ମିମି ବର୍ଷା ଅଦ୍ୟାବଧି ହୋଇଛି। କିନ୍ତୁ ଅଗଷ୍ଟ ମସରେ ସର୍ବାଧିକ ୩୪୮ ମିମି ବର୍ଷା ସାଧାରଣଭାବେ ହୋଇଥାଏ। ଗତ ସପ୍ତାହ ମଧ୍ୟରେ ୨୮୦ମିମି ବର୍ଷା ହୋଇଥିବା ବେଳେ ୧୯ ଓ ୨୦ ତାରିଖରେ ୧୭୧ ମିମି ବର୍ଷା ହେବାରୁ ବହୁ ସ୍ଥାନରୁ ବଷ;ା ନିଷ୍କାସନ ହୋଇନପାରି ପାଣି ଘେରରେ ରହିଛନି ଲୋକେ। ଗତ ବୁଧବାର ଅପରାହ୍ନଠାରୁ ପୌରପାଳିକାର ୱାର୍ଡ ନଂ୧, ୩, ୭, ୮, ୯, ୧୦, ୧୧ ଓ ୧୨ ଅଂଚଳରୁ ପାଣିନିଷ୍କାସନ ହୋଇପାରିନଥିଲା। ବ୍ଲକ କଲୋନୀ, ଆଶ୍ରମ ସ୍କୁଲ, କୋର୍ଟ ପଛପଟ, ସୁରକ୍ଷା ନର୍ସିହୋମ ନିକଟ, ଜଳେଶ୍ୱର ଲେବୁଲ୍‌କ୍ରସିଂ ପୂର୍ବପଟେ ଥିବା ଆଦିବାସିସାହି, ଷ୍ଟେସନ ପୂର୍ବପଟେ ଥିବା ସାହି, କୋର୍ଟ ଓ ପ୍ରାଣି ଚିକିତ୍ସାଳୟ ନ